Year 1955. Frederick Sanger, two-time Nobel Prize winner first used computers to determine the sequence of the commonly known protein, Insulin. However, the term "bioinformatics" was only coined much later by biochemist duo - Paulien Hogeweg and Ben Hesper, referring it to the study of information process by living things. This milestone then catapulted into multiple ventures spanning across the complex worlds of biochemistry, biotechnology, medicine, physics, chemistry, mathematics, and computer science.

In today's world, bioinformatics is much more than just how we perceive stimuli. Now it is about the enormous flow of data that is generated from experiments and studies done all over the world and how it is analyzed to give humans a better understanding of themselves. Initially, all this data needed to be stored somewhere, but where? In databases. Biological databases, to be specific. Bioinformatics has and will continue to play a big role in developing massive online databases to contain this infinite wealth of knowledge. Have you heard about "The Human Genome Project"? Protein sequences and their beautiful three-dimensional structures? Anything and everything related to the COVID-19 genome? Maybe not!

Speaking of the present status, let's address the elephant in the room-COVID-19. The pandemic, Lockdown, Movement Control Order (MCO) with its different versions... words that won't be erased from our collective minds yet, along with the experiences. SARS-CoV-2, the virus that causes COVID-19, has managed to control over humanity that we've been left dangling for more than two years now; while attempting to dodge it and come out of it, safe and sound. As the effects of COVID-19 changed over a short period, and as curious beings (additionally because it was a life-or-death situation), experts came together from all over the world to tackle this virus and its dreadful effects. Bioinformatics specialists were one of the earliest to respond. You may be wondering; how did they help?

The primary objective was to comprehend this unwelcome visitor; figure out what it looks like, why it behaves the way it does, and most importantly, why we were unable to get it under control in the beginning. Bioinformatics scientists stepped in with various online tools, software, algorithms, and databases to lend a helping hand to the world's leading scientists. Together, they solved the mystery of the spike protein on the virus and how it enters human cells via the ACE2 receptor, leading to the widely dreaded symptoms. And it didn't stop there. The research was ongoing to create an antidote for this virus.

Soon, vaccination became the talk of the town as everyone, from the elderly to kids in elementary school, began talking about this radical development. Guess who comes into the picture again? You're right, bioinformatics! It assisted in finding out different ways of inhibiting the virus from working inside our cell's machinery, thus, lowering the chances of an individual contracting COVID-19.

The results of all these efforts echoed far and wide, travelling across countries, reaching out to every corner of the world. My institution happened to be one of them. At Management and Science University, Shah Alam, the bioinformatics community is a close-knit family, growing slowly, student by student. My lecturers are avid researchers who instantly realized that this was not an opportunity to be missed, which is why they rounded up all the students and started on this fantastic journey of research to provide the scientific community and the world with new knowledge.

During this period (still ongoing), I am getting up-close and familiar with, not just COVID-19 related matters, but also the beating heart of bioinformatics, with every passing day. I have picked up a lot of skills to skill myself as a prospective scientist in bioinformatics. I am grateful everyday to the team that I work with, and without a doubt, I have embraced bioinformatics, for changing the way I view this magnificent world around me.

As the saying goes, "every day is a chance to learn something new". Hopefully, you have an interesting takeaway from me. I sincerely appreciate your time to read my experience and be a part of my small world.

Let's continue exploring!



# Raghurajpur: Odisha's Glory



**Divya Pradhan**

The heritage crafts village of Raghurajpur is Odisha's best known for its Pattachitra art which has helped it acquire a special place and recognition throughout the world. It is said that Pattachitra of Odisha dates back to the 12th century and has been passed from one generation to the next. This art form centers around and takes inspiration from Lord Jagannath, the presiding deity of Puri and Lord Vishnu. The Pattachitra paintings are developed side by side with Lord Jagannath culture. It was also influenced by the Vaishnava movement in Odisha around 12th century A.D., which is also a part of the Bhakti movement of Medieval India. The subject matter of Pattachitra is mostly mythological, religious stories and folk lore. It is basically based on Lord Jagannath and Radha-Krishna, different "Vesas" of Lord Jagannath, Balabhadra and Subhadra, temple activities, the ten incarnations of Vishnu basing on the 'Gita Govinda' of Jayadev, Kama Kujara Navagunjara, Ramayana and Mahabharata. The individual paintings of gods and goddesses are also being painted. Art is not just a profession or passion

but it is a way of life. Raghurajpur is home to artists who have mastered this art form and many are national award winners. While there are several accounts of the quality of work done by the inhabitants of the village, the tremendous visual impact of the village itself is often missed. The differences between Raghurajpur and any other rural settlement become apparent at first sight itself. For one, all the houses in the village are laid out in a compact form around a central boulevard of sorts. This is clearly not a farming settlement where houses are interspersed between wide swathes of green fields. It is a settlement of craftsmen and has been laid out in a manner that facilitates exchange of thoughts and ideas.At first glance the houses look ordinary but then, invariably, comes the double take. You look and then you look again, in disbelief, in delight and finally, in awe. Because the inhabitants of Raghurajpur haven't limited their creativity to paper and cloth; even the walls of their homes are their canvas.

In 2000, Indian National Trust for Art and Cultural Heritage (INTACH) declared Raghurajpur as a 'heritage village', which has helped the artists explore other traditional art forms as well. Apart from Pattachitra and palm leaf paintings, artists make papier- mache toys, masks, coconut crafts, wooden toys etc. Both men and women work as artists.

Ganjappa playing cards or the Dashavatara playing cards of Odisha are also part of the Pattachitra genre. These unique paints, especially the playing cards, are on display in museums across the world.

It attracts thousands of foreign and domestic tourists. It is the first village to be developed as part of the rural tourism promotion project. On his visit to Raghurajpur, Chief Minister Naveen Patnaik promised to award Rs. 10,000 each to 150 artisans' families who had participated in the mural artwork.








# IS MONEY REALLY OMNIPOTENT?



**Akshit Patri**

Is money really omnipotent? No. Money can buy a lot of things; but it cannot buy good health, respect, love and inner peace as these only come from good principles. A person can have millions in his bank account but still feel poor and empty because he is not content with his life, more money would only give him an insignificant satisfaction about his own life. A person will only truly be satisfied with their life if they appreciate what they have and it is enough to make them happy.

Money cannot make you happy or feel at peace with your life, as it can buy materialistic things that make you happy but this would only last for a while. what happens when you have all the riches you want? money will not help your mental health no matter how much you try as it is not everlasting. Money can buy you things that make you happy but this happiness is short-lived at it is human nature to want for more. True happiness doesn't come from having more money or from buying more stuff. Rather, it's learning to be content, nurturing relationships, and other in tangible things that have nothing to do with the size of your bank account. The things that truly matter in life can't be bought. Money is just a tool that we use to buy the things in life that we need, and having more of it doesn't necessarily make us happier. It's like having a socketset to repairs something when it breaks. Having two socketsets doesn't make the repair job easier or faster.

# Scotch and Ice

**Anitesh Pattanayak**



Scotch and ice in the glass
You say I am high
And I say, it's such a special state
as if there is no gravity
You say, I am blustering
but I say, I am freeing myself

Scotch and ice in the glass
You say, I am unstable
but I see the sunshine of your eyes
You say, I am flattering
and I say, this is just the beginning



Scotch and ice in the glass
You say, I am in no control
and I say, there is no boundary
You say, I may fall down
but I say, I can fly with you
higher than the kite and the eagle

Scotch and ice in the glass
You say, go to sleep
and I want to stay awake
You say, rest when the dawn arrives
but who wants this night to get over
It's time to discover
For morning may not arrive

Scotch and ice in the glass
You say, be careful
and I say, whatever will be, will be
You just hold on to me
for I'm not leaving you now
You say, time to go home
and I say, let the destiny unfold tonight
let the future be ours to see
Whatever it is worth
It's no more relevant anymore..



# The Death Bed

## Kirti Jena

His lips tainted with scattered blood,
As death hovered by his side, amongst the weeping ones,
His scythe, hooked onto his feet, towed the man down to the underworld.

His breath, dryer and dryer, heaved his chest up and down,
his pain could only be described by his ragged moans and pale skin.

Faint sounds dribble out, complemented with oozing warm blood
the spectators finally realize, Time hurried for those who led life too dear,
the dreadful entity inched closer each passing year.

But now it had caught up to him,
coaxing him into the light.

# What are the most important qualities a true friend should have?

**Aarav Mohapatra**

What are the most important qualities a true friend should have? This is a very hard question to answer as each person has their understanding of the qualities of a true friend. Most people might think that a friendship with someone should always start with trust. True friends can be very hard to find and if they are found, the friendship will last long like a fire from a mangrove tree. (fires made from a mangrove tree can last longer)

True friends should have transparency. A friend One can also be a true friend if they one chooses their friends over him or herself. They should respect your decisions most of the time and they should confess any opinions about you. If they have something bothering them or a disturbing thought they can confess to their friend to seek some advice. For instance, you have a dilemma that you want to solve then you can confess to your friends and ask them what they think you should do.

They should educate and guide you to be a better version of yourself. Our true friends should always have positive wishes and influence on us. They will embolden you for any occasion and give courage and strength during the hardest of times. When your friends educate you, both parties should have positivity and optimism on one another.

True friends should have loyalty and faith in you, despite the differences in status and social background. Faith can help you in achieving success. Loyalty can create a mindset that your friend is believing in you to achieve your goals in life. Sometimes, all we need is for people to believe in us in life.

People have different perspectives of what makes a true friend. Friends can vary from them just accompanying you or maybe helping you from time to time. Finding a true friend is tough and it takes a lot of effort but when you finally get a true friend, it will be worth it despite all the effort.

**Year 7,**
**Straits International School**
**Penang**





# The Edge

**Annie Dhal**

They are standing at the edge of the known universe. Or, Tag is, his feet placed up against the door of the shuttle, waiting, reciting the rules of conduct as is his personal routine.

It is his hundred and twenty secondth spacewalk and he knows them to a precision.

One. Learn the signs. An 'X' with arms crossed at the wrist is a warning. A hand sliced through the throat is a warning. A clap is a warning.

Two. Know your partner. His partner is Ray, who is an early, handsome forty. He likes bourbon and Shakespeare and Tag's little sister. He played baseball with Tag before the world went to hell and they were both called to serve with the Space Force Reserves. Ray is late, frequently, usually, and today.

Three. Return on time. Too early and the ship has yet to arrive, you miss the entry point and you die. Too late and the coordinates shift, the ship flies on, and you die.

He is cut off before he can reach four.

Ray is walking to him, too confident for a man this tardy. Tag hides his prickle of irritation, which is less because of the delay and more because he is well aware that it is because the man has been on the phone with his sister, who hasn't called



to speak with him privately in years.

"You're late." Tag wants to say.

"You're not prepared." Tag wants to say.

"You're making us look bad." Tag wants to say.

But he swallows it all and offers the other man a terse smile as he dresses.

The bulk of the suit he dons is recycled plastic, sourced from the Pacific Ocean, slathered in heat resistance and padded in insulation. It hangs off their frames like the outline of a cartoon ghost. And it would appear almost comical if its purpose wasn't so vital in keeping them alive. The most important part is the oxygen tank, slung heavy over the back, its dials and gauges tuned up and ready.

They are allotted thirty minutes of time for routine maintenance. It is a simple process, an in and an out, but the fear sticks to him regardless.

Ray told him once, on the rooftop of his house the night New York City sank under the waves, it was because Tag let himself wonder about the worst sort of possibilities.

Tag told Ray to go kill himself and they had both laughed, the moon hard and watchful above them.

It is another hour before Ray is ready and Tag has repeated the rules to himself seven times, but when they stand together at the exit port, he is still anxious. Ray squeezes his hand in the dark and his heart stills in his chest briefly, just in time for the launch.

The jump itself goes well. Their arc is clean, the tether is at optimal tautness. Ray sends Tag a thumbs up, which is a rare positive sign for 'all clear.' And they continue onwards. There is an ease between them as they work, a coordination that comes from years of knowing one another.

He does not remember the first day he met Ray. Or, indeed, how they became friends, only that they did, and the occasion took place some two decades prior, on a sunlit campus in the Midwest. This was before the worst of the sun flares, before the droughts and the dust storms made most of the Great Plains unlivable, and largely, Tag remembers life being uniformly good.

He thinks it may have been astrophysics, the first class they had together. Or just plain physics. Something with a good deal of math, because even then, Ray had been brilliant, more brilliant than him, and he had excelled while Tag floundered. Because of this, for a long while, Tag had loathed Ray, who'd mostly existed in his consciousness as a slouching blond head. When the mid-afternoon light hit him, it brought out all sorts of colors, auburn and gold and scarlet, as if he was glided. The resentment had built up, higher and higher, and then toppled suddenly, and he can't quite picture if it was a simple smile that melted him or a joke or something else.

Ray is approaching the satellite and Tag is just behind him. In the distance, the shuttle winks back at them. The timer of Tag's suit counts down. Everything is going right.

He almost expects the turn.

At their maximal distance from the main craft, Tag hears a hiss. He checks the gauge and the world freezes.

Tag taps Ray's shoulder. He turns. Tag makes the 'x' and Ray nods in understanding.

They have ten minutes left and less than ten minutes of air between them.

Through the bulb of the mask, he can't read Ray's face. He can't tell if he's mouthing 'run' or 'go' or 'stay.' All Tag can feel now is his own panic, which bubbles up, swells against him. This is not as it is supposed to go, he thinks. Disaster, which has lurked in every corner of humanity's existence, is not supposed to land on him. It is not supposed to come this close.

In the years to come, Tag will never be able to explain himself. He will never try.

It will only take one punch to catch Ray off-guard. Removing the tank off his stunned shoulders will be faster and easier than he could have imagined.

He was best man to Ray at his wedding. He gave a toast. He still remembers what he said. In the height of his fervor, he still remembers rule four.

Return to your partner at all times.

The tank just fits over his own suit, like fate. He is rationalizing. He does not know what he will tell his sister. He does not know what he will tell himself, but he is moving already.

Half a dozen meters from the spacecraft and he has half of the oxygen he should, but he turns to look at empty space. Empty Space. The universe expands in front of him, hurtling, endless sky and black, black, black as far as he could fathom seeing. The enormity of it, the glaring, frigid beauty of it, he takes in and up, compressing against his lungs, and then he notices emptiness.

Up until now, a part of him has expected Ray to be there behind him. He knows himself it is impossible and yet- something rises inside him. He takes in a too large gulp of precious air.

Tag remembers one more thing about college. Outside the dorm where both he and Ray had lived, there were the black and white markings of a chess board, etched into a wooden bench. The squares themselves were faded from years of rain and snow, but the idea lingered. And every weekend for four years, Ray and Tag set themselves up a match.

It is the only thing, in those early days, Tag remembers beating Ray at, and never easily. Each game was torn out of him, like pulling teeth, and after they'd graduated, he never touched another piece. But he thought about it sometimes, about how he could make a move and have an inkling that something would go wrong, but never be sure how wrong. And so, he'd sit through that battle anyways, the black and white squares spinning up at him, watching the magnitude of his mistakes unfold in front of him, helpless.

Now, he is floating back, rushing, and the oxygen loss is crawling up him, the darkness stripping through his vision, and he is thinking about chess again. About openings and feints and how Ray had told him, once, that maybe Tag enjoyed winning less and feared losing more, about that wrong move, the cascade of errors, and how he always believed till the very end that he could save himself.

The galaxy is catching up to him. Time is catching up to him. This has always been a battle against time, against the dipping of the oxygen meter, and his own abilities. He doesn't have a moment to spare to check if he is winning. His world has shrunk to here and now and now the shuttle is coming into view. White and blue and an obnoxious red. He is breathing faster. He thinks about stars. They wink out at him. The darkness is infinite. He says goodbye. He inches forward. Goodbye. Goodbye. Goodbye.

A hand grabs him in the doorway and rips off the hood of the helmet and suddenly there is too much air, and this is choking him. He thinks about the irony of dying from too much air now. He laughs at it. He is laughing and choking, and someone is calling for a medic. There is movement and motion, and Tag knows with finality now that he will live today.

When the medic arrives, Tag is crying.

He cries for four days. and when his crewmates ask about Ray, he stares up at them, blank. His sister calls, finally, once, twice, three times, and he does not pick up.

He sits, instead, at the edge of the known universe, where he can see his reflection in the glass against the stars. He waits for rule four to invoke itself and for Ray to look back out at him.





# Saura

## Ama Chitrakala



**Shreya**





Anisha

**Bhakti Jena**









**Shreyans Das**

**Rian Sahu**







Ghanisth Mohanty

Riddhi Sahu








**Shalvee Das**





**Saanvi Patro**



**Shreyansh Choudhury**




**Lifetime achievement to Dr. Iti Samanta**

**MOC Utkal Dibas, April 3, 2021**



DIWALI TARANG 2020
Malaysia Odia Community
Ekamra Mahapatra
Adwika Mishra
Sambit Kar
Sagarika Mishra
ଅଭୀପ୍ସା
ABHIPSA
Malaysia Odia Community
Kuala Lumpur, Malaysia, 2020
ଚିଲିକାର ଚିତ୍ରପଟରେ......
About the Cover Page 04
MOC Vision and Mission 05
MOC Administration 06
Message from The Editor's Desk 07
Message from The President, MOC 08
Message from The Vice-President & Secretary, MOC 09
Message from Nikhilesh Chandra Giri 10
Message from Dr. Achyuta Samanta 11
Parikuda: English & Hindi Section 12
Kalijai: Odia Section 61
About the Cover


**Diwali 2020**




**Zoom pe Dhoom August 2021**



# ସର୍ଗି ଫୁଲ... ଆମ ସାହିତ୍ୟର ବାସ୍ନା

## ସ୍ରଷ୍ଟାଙ୍କ ଲେଖନୀରୁ


| | | | |
|---|---|---|---|
| ୧. | ରାଗ ଶିବରଂଜନୀ | ଗୌରହରି ଦାସ | ୫୦ |
| ୨. | କବି ମାନସିଂହଙ୍କ କାବ୍ୟବିଚାର | ଡ. ଇତି ସାମନ୍ତ | ୫୪ |
| ୩. | ଓଡ଼ିଆ ଭଦ୍ରଲୋକ | ନିଖିଳେଶ ଗିରି | ୫୭ |
| ୪. | ଆମ ଗାଁ | ଦୁର୍ଗେଶ ନନ୍ଦିନୀ ଦାଶ | ୫୯ |
| ୫. | ଗୁରୁ କୃପା ହିଁ କେବଳମ୍ | ସୂର୍ଯ୍ୟ ନାରାୟଣ ପାତ୍ର | ୬୧ |
| ୬. | ଜୀବନର ସ୍ୱରରୁ ଚିତ୍ରଟିଏ | ପ୍ରତିଭା ପଣ୍ଡା | ୬୩ |
| ୭. | ଫୁଲ ବଉଳ ବେଣୀ | ବ୍ରତତୀ ପ୍ରିୟଦର୍ଶିନୀ ସ୍ୱାଇଁ | ୬୪ |
| ୮. | ଶିଶୁ କହେ | ସସ୍ମିତା ସିଂହଲ | ୬୫ |
| ୯. | ରାକ୍ଷୀ / ବାଲ୍ୟ ବନ୍ଧୁମିଳନ | ସାଗରିକା ମିଶ୍ର | ୬୬ |
| ୧୦. | ସଜବାଜ ହେଲେ ଦରପଣ କୋଳେ | ସିମନ୍ତିନୀ ନନ୍ଦ | ୬୭ |
| ୧୧. | ଅମାନିଆ ପ୍ରିୟା | ଆରତୀ ପାତ୍ର | ୬୭ |
| ୧୨. | ଏ ମଣିଷ ବୁଝେନା!! | ଲିପ୍ସା ସାହୁ | ୬୮ |
| ୧୩. | ମଜା କଥା | ମଞ୍ଜୁଶ୍ରୀ ଚୌଧୁରୀ | ୬୯ |
| ୧୪. | କାଲି ରାସ୍ତାରେ ଭେଟିଥିଲି ଜୀବନକୁ | ବୀଣାପାଣି ପ୍ରଧାନ | ୭୦ |



# ରାଗ ଶିବରଂଜନୀ

**ଗୌରହରି ଦାସ**



ଆଉ ଥରେ ସମୁଦ୍ରକୁ ମନଭରି ଦେଖିନେବା ଲାଗି ପୁଲକ ବାଲ୍‌କୋନିକୁ ଚାଲଆସିଲା। ଦୁଶ୍ଚିନ୍ତା ଯୋଗୁଁ ଆଖିକୁ ଆଦୌ ନିଦ ଆସୁନାହିଁ। ଆଜି ରାତି ତାର ଏ ସହରରେ ଶେଷ ରାତି। ଜିନିଷପତ୍ର ସବୁ ସେ ବନ୍ଧାବନ୍ଧି କରି ସାରିଛି। ହାର୍ମୋନିୟମ, ପିଆନୋ ଓ ଅନ୍ୟ ସାଜସରଞ୍ଜାମ ଗୁଡ଼ିକ ଘର ମାଲକାଣୀଙ୍କ ଜିମାରେ ଛାଡ଼ିଯିବ। ଏମିତିରେ ବି ସବୁ ଜିନିଷପତ୍ର ନେଇ ଯିବା ଲାଗି ତାକୁ ଘରମାଲିକାଣୀ ଅନୁମତି ଦେବେ ନାହିଁ। ସେ ଉପରକୁ ଚାହିଁଲା। ଭାଦ୍ରବର ବଉଦ ତଳୁ କୃଷ୍ଣପକ୍ଷର ଜହ୍ନ ତା ଆଡ଼କୁ ଅନଉଥିଲା। ସଞ୍ଜବେଳେ ବର୍ଷା ହୋଇ ଛାଡ଼ିଯାଇଥିଲେ ବି ଚାରିଆଡ଼ ଧୂଆଁଳିଆ ଦିଶୁଥିଲା। ତା ସାଙ୍ଗକୁ ସମୁଦ୍ର ଢେଉର ଜଳକଣା। ମଝିରେ ମଝିରେ ନଡ଼ିଆ ଗଛରୁ ଟୋପା ଟୋପା ବର୍ଷାପାଣି ଶାଳଗଛ ପତ୍ର ଉପରେ ପଡ଼ି ତବଲାର ଟିପା ଶବ୍ଦ ପରି ଶୁଭୁଥିଲା। ଝାଉଁଗଛ ଫାଙ୍କରୁ କୃଷ୍ଣପକ୍ଷ ନବମୀର ଜହ୍ନ ଆଡ଼େ ଚାହିଁ ପୁଲକ ଦୀର୍ଘଶ୍ୱାସ ନେଲା। କାଲି ସେ ଏ ସହର ଛାଡ଼ି ଚାଲିଯିବ ବୋଲି ଭାବିଲା କ୍ଷଣି ତାକୁ ଖୁବ୍ ଦୁଃଖ ଲାଗୁଥିଲା। ମାତ୍ର ସେ ଆଉ କ'ଣ କରିବ? ଘର ମାଲିକାଣୀଙ୍କ କଟୁକଥା ସେ ଆଉ ସହିପାରିବ ନାହିଁ।

ପୁଲକ ଗୀତ ଶିଖାଏ। ହାର୍ମୋନିୟମ, ପିଆନୋ, ସିତାର, ବେହେଲା, ବଂଶୀ ଓ ତବଲାକୁ ନେଇ ତା'ର ଜୀବନ। ଦିଲ୍ଲୀରେ ଶାସ୍ତ୍ରୀୟ ସଂଗୀତ ଶିଖି ଫେରିବା ପରେ, କ'ଣ କରିବ ବୋଲି ଯେତେବେଳେ ସେ ବିଚାରୁଥିଲା ଏବଂ ଶାସ୍ତ୍ରୀୟ ସଂଗୀତର ଅର୍ଥ ବୁଝୁ ନ ଥିବା ତା'ର ସାନଭାଇ କହିଥିଲା, "ଘରଆଗରେ ଡାଲି-ଚାଉଳ ଦୋକାନଟାଏ ଖୋଲ', ସେତିକି ବେଳେ ସେ ଅଭିମାନ କରି ଭୁବନେଶ୍ୱରକୁ ଚାଲିଆସିଥିଲା। ମାତ୍ର ବର୍ଷକ ପରେ ତାକୁ ଲାଗିଥିଲା ଯେ ଭୁବନେଶ୍ୱର ଏକ ମହତ୍ୱାକାଂକ୍ଷା ଏବଂ ସଂକୀର୍ଣ୍ଣ ସ୍ୱାର୍ଥର ସହର। ସେଠି ସଂଗୀତ ସାଧନାର ଅର୍ଥ କେହି ବୁଝନ୍ତି ନାହିଁ। ତାହା ପାଞ୍ଚବର୍ଷ ତଳର କଥା। ସେ ଭୁବନେଶ୍ୱର ଛାଡ଼ି ପୁରୀ ଚାଲି ଆସଥିଲା। ସମୁଦ୍ର କୂଳର ଏହି ସହରକୁ ଲୋକେ ଜଗନ୍ନାଥଙ୍କୁ ଦର୍ଶନ କରିବା ଲାଗି ଯେତିକି ଆସନ୍ତି, ତାହାଠାରୁ ଅଧିକ ଆସନ୍ତି ସମୁଦ୍ରକୂଳରେ ବୁଲିବା ଲାଗି। ପୁଲକ ଭାବିଥିଲା, ତାକୁ ଶ୍ରୀମନ୍ଦିର ବେଢ଼ାର କଳ୍ପବଟ ପାଖରେ କିଛି ଗୋଟେ ଲକ୍ଷ୍ୟ ମିଳିଯିବ। କିନ୍ତୁ ମିଳି ନଥିଲା। ସଞ୍ଜବେଳେ ନାଟକୀୟ ଭାବରେ ଦେଖା ହୋଇଥିଲା ମିତା ସାଙ୍ଗରେ, ସମୁଦ୍ର କୂଳରେ।

ସେ କଥା ମନେପଡ଼ି ଏତେ ଦୁଃଖ ସତ୍ତ୍ୱେ ପୁଲକକୁ ଟିକେ ହସ ମାଡ଼ିଲା। ସେଦିନ ସେ ସମୁଦ୍ର କୂଳରେ ଅସ୍ତଗାମୀ ସୂର୍ଯ୍ୟଙ୍କ ଆଡ଼କୁ ଚାହିଁ ଗୋଟେ ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ରାଗର ଆଳାପ ଗୁଣୁଗୁଣଉଥିଲା। ଚାଲୁଚାଲୁ କେତେବେଳେ ସେ ସ୍ୱର୍ଗଦ୍ୱାର ପାଖରୁ ମେ-ଫେୟାର ହୋଟେଲ୍ ପାଖରେ ଆସି ପହଞ୍ଚି ଯାଇଥିଲା ତାହା ତା'ର ମନେ ନାହିଁ। ଶୀତଦିନର ଅପରାହ୍ଣ

ଯୋଗୁଁ ସମୁଦ୍ର ପବନ ଅଧିକ ଥଣ୍ଡା ଲାଗୁଥିଲା। ସେ ଶାଲଟିକୁ ବେଢ଼େଇ ଧରି, ବାଲି ଉପରେ ବସି ପଡ଼ିଥିଲା ଓ ଆଖି ବୁଜି ଆଉ ଗୋଟେ ରାଗର ଆଳାପ କରିଥିଲା। ରାଗଟା 'ମାରୱା' କି 'ମିଆଁ କି ତୋଡ଼ି' ଥିଲା ବୋଧହୁଏ। କେତେ ସମୟ ସେ ସେମିତି ବସି ଗୀତ ବୋଲୁଥିଲା କିଏ ଜାଣେ, କାହାର ସହର୍ଷ କରତାଳି ଶୁଣି ସେ ପଛକୁ ବୁଲି ଅନେଇଥିଲା।

ସେଇଠି ଦେଖା ହୋଇଥିଲା ମିତା ସାଙ୍ଗରେ। ବାପା-ମାଆଙ୍କ ସାଙ୍ଗରେ ସେ ବି ସମୁଦ୍ରକୂଳରେ ବୁଲିବାକୁ ଆସିଥିଲା। ତେବେ ମିତା ତା ପରି ବାହାର ଜାଗାରୁ ପୁରୀ ବୁଲି ଆସି ନ ଥିଲା। ତା ନିଜଘର ଏଇ ପୁରୀରେ।

ମିତା କହଥିଲା, "ଆପଣଙ୍କ ସ୍ୱର ଅତି ଚମତ୍କାର। ମୋତେ ଆପଣ ଗୀତ ଶିଖେଇବେ?''

ତାପରର କଥାବାର୍ତ୍ତା ମିତାର ବାପାମାଆ କରିଥିଲେ। ସେଇଦିନ ତା ଲାଗି ମିତାର ଘରଠାରୁ କିଛି ଦୂରରେ ଘରଟିଏ ଭଡ଼ା ନିଆଯାଇଥିଲା। ଆରମ୍ଭ ହୋଇଥିଲା ପୁଲକର ମ୍ୟୁଜିକ୍ ସ୍କୁଲ୍। ସପ୍ତାହକ ଭିତରେ ଦଶଜଣ ଶିକ୍ଷାର୍ଥୀ ଯୋଗାଡ଼ ହୋଇଯାଇଥିଲେ।

ପୁଲକ ଆଉ ଥରେ ଆକାଶକୁ ଅନେଇଲା।

ତା ଛାତି ଭିତରଟା ଆଜି ଏତେ ଭାରୀ ଭାରୀ ଲାଗୁଥିଲା କାହିଁକି?

କିଏ ଜଣେ କହିଥିଲେ, ଛାଡ଼ିକି ଯିବା ବେଳ ନ ଆସିଲା ଯାଏ କୌଣସି ସଂପର୍କ ଏତେ ମିଠା ବୋଲି ଜଣା ପଡ଼େ ନାହିଁ। ସେ ମଣିଷ ହେଉ କି ଜାଗା। ସେ ଏ ଜାଗା ଛାଡ଼ିକି ଯାଉଛି ବୋଲି ତାକୁ ଏତେ ଦୁଃଖ ଲାଗୁଛି କି? ନା, ଆଉ କିଛି ଅଛି କାରଣ ଅଛି? ପୁଲକର ଛାତି ଭିତରଟା ଓଜନିଆ ହେବାର ଆଉ ଗୋଟେ କାରଣ ଅଛି। ଏଇ ସହରରେ ତା'ର ମିତା ସହ ଦେଖା ହୋଇଥିଲା, ଏଇ ସହରରେ ପୁଣି ହୋଇଥିଲା ମିତା ସହ ବିଚ୍ଛେଦ। ମିତା ଆଜି ଏ ସହରରେ ନାହିଁ। କେଉଠି ଅଛି ନିଧାର୍ଯ୍ୟ ଭାବରେ ପୁଲକ ଜାଣେ ନାହିଁ। କେତେଥର ସେ ଏକଥା ତା'ର ବାପାଙ୍କଠାରୁ ପଚାରି ବୁଝିବାକୁ ଚାହିଁଛି, ମାତ୍ର ସବୁଥର ମିତାର ବାପା ପ୍ରଶ୍ନଟାକୁ ଆଡ଼େଇ ତାକୁ ବିଦାୟ ଦେଇଛନ୍ତି। ସେ କେବଳ ଶୁଣିଛି, ମିତା ତା' ବାପାଙ୍କର ବିନା ଅନୁମତିରେ କେଉଁ ବିଦେଶୀ ସହ ଚାଲିଯାଇଛି। ଏଥିରେ ସତ୍ୟତା କେତେ ସେକଥା ମଧ୍ୟ ପୁଲକ ଜାଣେ ନାହିଁ।

ମିତାର ମାଆ ଚାଲିଗଲେଣି ତିନିବର୍ଷ ହେଲା। ଏବେ ସମୁଦ୍ରକୂଳରେ ଦେଇ ବିରାଟ ଘରଟାରେ ଏକାକୀ ମିତାର ବାପା ଓ ଜଣେ ସହକାରୀ ରହନ୍ତି। ସେଇ ସହକାରୀଟି ତାଙ୍କର ଡ୍ରାଇଭର, ମାଳୀ ଓ ରୋଷେଇଆ। ମିତା ସମ୍ବନ୍ଧରେ ପୁଲକ ଆଉ ଅଧିକ କିଛି ଜାଣେ ନାହିଁ। କେବଳ ବିଶ୍ୱାସ ରଖେ ଦିନେ ନା ଦିନେ ମିତା ଫେରିଆସିବ। ତା ସାଙ୍ଗରେ ଦେଖା ହେବ। ହସି ହସି ତାକୁ ଅନୁରୋଧ କରିବି - ଗାଅ, ଆଉ ଥରେ ଶିବରଂଜନୀ ରାଗ ଉପରେ ଆଧାରିତ ଗୋଟେ ଗୀତ ଗାଅ।

ପୁଲକ ଆଖି ପୋଛିଲା।

ସେ କିନ୍ତୁ ଆଉ ଏଠି ଅପେକ୍ଷା କରି ରହିପାରିବ ନାହିଁ। ଦି ବର୍ଷ ହେଲାଣି ତା'ର ଗୀତ ସ୍କୁଲ୍ ପ୍ରାୟ ବନ୍ଦ। ଦି ହଜାର କୋଡ଼ିଏ ଏପ୍ରିଲ୍ ମାସରୁ କରୋନା ମହାମାରୀ ବ୍ୟାପିବା ପରଠାରୁ ମଣିଷର ଜୀବନଚର୍ଯ୍ୟା ବଦଳିଯାଇଛି। ନିଜ ଘରେ ବନ୍ଦୀ ପରି ରହି ଲୋକମାନେ କେବଳ ଭବିଷ୍ୟତକୁ ଅପେକ୍ଷା କରୁଛନ୍ତି। ରାସ୍ତାଘାଟରେ କାଁ ଭାଁ ଚଳାଚଳ। ଯେତିକି ସମୟ ଦୋକାନବଜାର ଖୋଲାରହୁଛି ସେତିକି ସମୟ ଯାହା ଟିକେ ଏ ଜାଗା ସହର ପରି ଜଣାପଡୁଛି। ତାପରେ ପୁଣି ସେ ବିରକ୍ତିକର ନିର୍ଜନତା। ବାପାମାଆମାନେ ପିଲାଙ୍କୁ ପାଠ ପଢ଼ିବା ଲାଗି ସ୍କୁଲ ଛାଡୁ ନାହାନ୍ତି। ତା' ସ୍କୁଲକୁ ଗୀତଶିଖିବା ଲାଗି ଆସିବ କିଏ? ଖରାଛୁଟିରେ ଦି ଜଣ ଛାତ୍ରୀ ଆସୁଥିଲେ। ପୁଲକ ନିଜ ଆଡୁ ସେମାନଙ୍କୁ ମନା କରିଦେଲା। ତା ଭିତରୁ ବଡ଼ ଝିଅଟା ଥିଲା ସାକ୍ଷୀ। ସେ ଦିନେ କହୁ କହୁ କହିଦେଲା ଯେ ତା ବାପା ତିନି ମାସ ହେଲା କମ୍ପାନିରୁ ଦରମା ପାଇ ନାହାନ୍ତି।

ଅନେକ ଦିନ ହେଲାଣି ପୁଲକକୁ ରାତିରେ ଭଲ ନିଦ ହେଉନାହିଁ। ପରିବେଶରେ ମରଣର ଆତଙ୍କ, ଆଖି ଆଗରେ ଅନିଶ୍ଚିତ ଭବିଷ୍ୟତ, କଥାବାର୍ତ୍ତାରେ ବିପଦ ଓ ବିପର୍ଯ୍ୟୟର ବର୍ଣ୍ଣମାଳା। ଏହା ଭିତରେ ସେ ସଂଗୀତଚର୍ଚ୍ଚା କରିବ କିପରି? ଛାତ୍ରଛାତ୍ରୀଙ୍କୁ ଗୀତ ବା କିଭଳି ଶିଖେଇବ! କିଏ ବା ଆସିବ ଗୀତ ଶିଖିବା ପାଇଁ।

ଢେର୍‌ଦିନ ହେଲା ହାର୍ମୋନିୟମ, ସିତାର, ବଂଶୀ, ପିଆନୋ ଇତ୍ୟାଦି ବାଦ୍ୟଯନ୍ତ୍ରଗୁଡ଼ିକ ଅଦରକାରୀ ଜିନିଷ ପରି ଘରକୋଣରେ ପଡ଼ିଛନ୍ତି। ସେଗୁଡ଼ିକ ଉପରେ ଧୂଳି ଜମିଗଲାଣି। ଯତ୍ନ ନେବା ପାଇଁ କେହି ନାହିଁ। ନିଜେ ପୁଲକର ବି ସେସବୁ ଆଡ଼େ ଅନେଇବା ଲାଗି ଆଗ୍ରହ ନାହିଁ।

ଦିନେ କିନ୍ତୁ ପରିବେଶ ଅଲଗା ଥିଲା। ପ୍ରଭାତ, ଅପରାହ୍ଣ ଓ ସନ୍ଧ୍ୟାର ବିଳମ୍ବିତ ପ୍ରହର ପର୍ଯ୍ୟନ୍ତ ପୁଲକର 'ବେଳାଭୂମି ସଂଗୀତ ବିଦ୍ୟାଳୟ' ଗହ ଗହ କମ୍ପୁଥିଲା। ବାଟଚଲା ଲୋକମାନେ ଘଡ଼ିଏ ଅଟକି ଗୀତ ଶୁଣୁଥିଲେ। ବାଟରେ ଘାଟରେ ଦେଖାହେଲେ ସେମାନଙ୍କ ଭିତରୁ କେହି କେହି ତା ଗଳାର ପ୍ରଶଂସା କରୁଥିଲେ। ଗୋଟେ ସମୟରେ ପଚାଶରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ତା' ପାଖକୁ ଗୀତ ଶିଖିବାଲାଗି ଆସୁଥିଲେ। ସେ ସେମାନଙ୍କୁ ତିନିଟି ସମୟରେ ଭାଗ ଭାଗ କରି ବାଣ୍ଟି ଦେଇଥିଲା। ପ୍ରଥମ ବର୍ଷର ବସନ୍ତ ପୂର୍ଣ୍ଣିମାରେ ପୁଲକର ସଂଗୀତ ବିଦ୍ୟାଳୟ ବେଳାଭୂମିର ମୁକ୍ତ ମଞ୍ଚରେ ଶାସ୍ତ୍ରୀୟ ସଂଗୀତ ସନ୍ଧ୍ୟାର ଆୟୋଜନ କରିଥିଲା। ନିଜେ ପୁଲକ ଓ ମିତା ଗାଇଥିଲେ ତିନିଟି ଗୀତ। ଛାତ୍ରଛାତ୍ରୀ ମାନେ ହିନ୍ଦୁସ୍ତାନୀ ଓ କର୍ଣ୍ଣାଟକୀ ଉଭୟ ଶାସ୍ତ୍ରୀୟ ସଂଗୀତର ଆଳାପ, ବନ୍ଦିଶ ଗାଇ ସହରର ଶ୍ରୋତାମାନଙ୍କୁ ମୁଗ୍ଧ କରିଦେଇଥିଲେ। କିଛି ଲୋକ ତ ପୁଲକକୁ ପଚାରିଥିଲେ, ଆଜିର ଏ ଆଧୁନିକ ସମୟରେ ତୁମ ପରି ଯୁବକ ଶାସ୍ତ୍ରୀୟ ସଂଗୀତ ଚର୍ଚ୍ଚାକୁ କିଭଳି ବୃତ୍ତି ରୂପେ ଗ୍ରହଣ କରିନେଲ? ପୁଲକ ଏ ପ୍ରଶ୍ନର କିଛି ଉତ୍ତର ନଦେଇ କେବଳ ହସିଦେଇଥିଲା।

ଦିଲ୍ଲୀରେ ଗୀତ ଶିଖିବାକୁ ଯିବା ଆଗରୁ ତା'ର ଏ ଶାସ୍ତ୍ରୀୟ ସଂଗୀତ ସଂପର୍କରେ ବିଶେଷ ପରିଚୟ ନଥିଲା। ଗୀତ ଗାଇବାକୁ ମନ ହେଲେ ଗୁଣୁଗୁଣୁ ହୋଇ ଗାଉଥିଲି। ସ୍କୁଲ ଓ କଲେଜରେ ଗୀତ ଗାଇ ବନ୍ଧୁମାନଙ୍କୁ ଶୁଣାଉଥିଲା। ଦିନେ ଅଧ୍ୟାପକ ମନୋଜ ମହାପାତ୍ର ତାକୁ ଡାକି ପଚାରିଲେ, "ତୁମ କଣ୍ଠରେ ସରସ୍ୱତୀ ରହୁଛନ୍ତି ବୋଲି ତୁମେ କେବେ ଅନୁଭବ କରିଛ ପୁଲକ?''

ସେଦିନ ତା' ଅଧ୍ୟାପକଙ୍କ କଥା ଶୁଣି ପୁଲକ ଏକଦମ୍ ଚମକି ପଡ଼ିଥିଲା।

ତା'ପରେ ବହୁ କଷ୍ଟରେ ବାପାଙ୍କୁ ବୁଝେଇ ଶାସ୍ତ୍ରୀୟ ସଂଗୀତ ଶିଖିବା ଲାଗି ସେ ଦିଲ୍ଲୀ ଯାଇଥିଲା।

ଆଜି ବି ତା'ର ଗୁରୁଜୀଙ୍କ ସହ ପ୍ରଥମ ଭେଟର ସ୍ମୃତି ସତେଜ ଅଛି। ସାତ ଆଠଦିନ ଲାଗ ଲାଗ ଯାଇ, ଗୁରୁଜୀଙ୍କ ସହ ଭେଟ ନ ପାଇ ସେ ଫେରୁଥିଲା, ମାତ୍ର ସୌଭାଗ୍ୟକୁ ସେ ଦିନ ସାକ୍ଷାତ ମିଳିଥିଲା ଗୁରୁଜୀଙ୍କ ସହ।

ଗୁରୁଜୀ ରାମଶରଣ ଶୁକ୍ଳା ତାଙ୍କ ଘର ଆଗ ଲେନ୍‌ରେ ଆରାମଚଉକୀ ପକେଇ ବସଥିଲେ। ସକାଳର କଅଁଳ ଖରାରେ ଉଡୁଥିବା ପ୍ରଜାପତିର ଉଡ଼ାଣକୁ ନିବିଷ୍ଟ ଚିତ୍ତରେ ଅନେଇଥିଲେ ସେ। ହଳଦିଆ ରଙ୍ଗର ପ୍ରଜାପତିଟି ଗୋଟେ ଗୋଲାପ ଫୁଲ ଉପରେ ଉଡ଼ିବୁଲୁଥିଲା।

ପୁଲକ ଗୁରୁଜୀଙ୍କୁ ପ୍ରଣାମ କରି ନିଜର ମନକଥା ଜଣାଇଥିଲା- ସେ ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଂଗୀତ ଶିକ୍ଷା କରିବ।

ଗୁରୁଜୀ ତାକୁ ମୁଣ୍ଡରୁ ପାଦ ଯାଏ ଥରେ ଚାହିଁଥିଲେ। ସେ ଚାହାଣି ତାକୁ ଏକ୍ସରେ ମେସିନ୍ ପରି ନିର୍ମମ ମନେ ହୋଇଥିଲା। ତାପରେ ତାକୁ ପଚାରିଥିଲେ- ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ରାଗର ସଂଖ୍ୟା କେତୋଟି ଜାଣିଛ?

ରାଗର ସଂଖ୍ୟା ? ପ୍ରଶ୍ନଟାର ଉତ୍ତର ପୁଲକ ପାଖରେ ନ ଥିଲା। ସେ ନିରବରେ ମୁଣ୍ଡ ତଳକୁ ପୋତି ଠିଆ ହୋଇଥିଲା।

ଗୁରୁଜୀ କହିଥିଲେ, ''ମଣିଷ ଯଦି ତା' ଜୀବନର ପ୍ରତି ସପ୍ତାହରେ ଗୋଟିଏ ଗୋଟିଏ ରାଗ ଶିଖେ ତଥାପି ସବୁଯାକ ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ରାଗ ସମଗ୍ର ଜୀବନକାଳ ଭିତରେ ସେ ଶିକ୍ଷା କରିପାରିବ ନାହିଁ। ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ରାଗ ସଂଖ୍ୟା ଚାରି ଲକ୍ଷରୁ ବେଶୀ। ତେଣୁ ତୁମେ ଯାଇ ଥଣ୍ଡା ମନରେ ଚିନ୍ତା କର, ଏ ବାଟରେ ପାଦ ଦେବ ନା ଦେବ ନାହିଁ।''

'ଚାରି ଲକ୍ଷ' ଶୁଣି ପୁଲକ ଚମକି ପଡ଼ିଥିଲା। ସେ ତା' ପାଦଯୋଡ଼ିକୁ ଅନେଇଥିଲା। ସେ ଯୋଡ଼ିକ ଗୁରୁଜୀଙ୍କ ଫାଟକ ଡେଇଁ ବଗିଚା ଭିତରକୁ ଆସିସାରିଥିଲା। ସେ ଆଗେଇ ଯାଇ ଗୁରୁଜୀଙ୍କ ଚରଣ ସ୍ପର୍ଶ କରି କହିଥିଲା, "ଏ ବାଟରେ ପାଦ ଦେଇସାରିଛି ଗୁରୁଜୀ। ଏବେ ମୋ ଭାଗ୍ୟ ଆପଣଙ୍କ ହାତରେ।''

ଗୁରୁଜୀଙ୍କ କଥା ମନେ ପଡ଼ିଯିବାରୁ ପୁଲକ ଦୁଇ ହାତରେ ଦୁଇ କାନକୁ ଛୁଇଁଲା। ତା' ଗୁରୁଜୀଙ୍କର ଶ୍ୱାସପ୍ରଶ୍ୱାସ ଥିଲା ସଂଗୀତ। ସକାଳୁ ବିଛଣାରୁ ଉଠି ମଧ୍ୟ ରାତ୍ରରେ ବିଛଣାକୁ ଯିବା ପର୍ଯ୍ୟନ୍ତ ସବୁବେଳେ ଶାସ୍ତ୍ରୀୟ ସଂଗୀତର ସ୍ୱର ସେ ଗୁଣୁଗୁଣଉଥାନ୍ତି। ଶୋଇବାବେଳେ ଗୁରୁଜୀ କର୍ଣ୍ଣାଟକୀ ନୀଳାମ୍ବରୀ ରାଗ ଶୁଣନ୍ତି। ତାଙ୍କର କହିବା କଥା, ଏ ରାଗର ସିତାର କି ବଂଶୀ ସ୍ୱନ ଶୁଣିଲେ ତାଙ୍କ ଆଖିପତା ଚାହୁଁ ଚାହୁଁ ମୁଦି ହୋଇ ଆସେ।

ପୁଲକ ନିଜର ସଂଗୀତ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ପାଇଁ ତା' ଶିଖିଥିବା ଜ୍ଞାନତକ ପୋଛିପୋଛି ନିଗାଡ଼ି ଦେଇଥିଲା। ମିତା ଓ ସଂଗୀତା ପୁଣି ଥିଲେ ତା'ଠାରୁ ଅଧିକ ପ୍ରତିଭାଶାଳୀ। ସେମାନଙ୍କ କଣ୍ଠରେ ହଂସ ଧ୍ୱନି, ମାଲକୌସ, ଦେଶ, ଲଳିତ, କିର୍‌ୱାଣି କିମ୍ବା ବସନ୍ତ ମୁଖାରିର ଆଳାପ ବା ବନ୍ଦିଶ ଶୁଣିଲେ ପୁଲକର ଛାତି ଭିତରଟା ଆନନ୍ଦରେ ପୂରିଯାଏ। କି ଅନିର୍ବଚନୀୟ ପ୍ରଶାନ୍ତି! ପାଚେରି ସେ କଡ଼େ ତବଲା ଶବ୍ଦ ପରି ସମୁଦ୍ର ଢେଉର ଶବ୍ଦ, ଏପଟେ ଝାଉଁବଣର ମର୍ମର, ମିତାର ଆଙ୍ଗୁଳି ଛୁଆଁରେ ସିତାରର ଆଳାପ - ତାର ମନେହୁଏ ଆକାଶର ଜହ୍ନ ତାରା ସୁଦ୍ଧା ଏ ସଂଗୀତ ଆସର ଉପଭୋଗ କରିବା ଲାଗି ଅଟକି ଯାଇଛନ୍ତି।

କିନ୍ତୁ କୁଆଡ଼େ ସେ ଦିନଗୁଡ଼ାକ ଚାଲିଗଲା।

ଗୋଟାଏ ରୋଗ ବୀଜାଣୁର ବିଭୀଷିକା ମଣିଷ ସଭ୍ୟତାର ମୂଳଦୁଆକୁ ଦୋହଲାଇଦେଲା। ଦି' ଦି'ଥର ଟିକା ନେବା ପରେ ସୁଦ୍ଧା ଲୋକମାନେ ନିଜକୁ ନିରାପଦ ମନେ କରୁନାହାନ୍ତି। କେବେ ଏହି ଭୟଙ୍କର ରାତି ପାହିବ ?

ମିତା ଏ ସହରରୁ ଚାଲିଯିବା ପରେ ପୁଲକର ଅଧା ଆଗ୍ରହ ମରିଯାଇଥିଲା। ଦିନେ ତା'ର ଜୀବନସାରା ଅବିବାହିତ ରହିବାର ସଂକଳ୍ପ ମିତାର ଭଲପାଇବା ଆଗରେ ଭୁଶୁଡ଼ି ପଡ଼ିଥିଲା। ଜୁଆର ଆଘାତରେ ବାଲିଘର ଭୁଶୁଡ଼ି ଯିବା ପରି। ଆଜି ବି ବେଳେବେଳେ ପୁଲକ ଭିତରେ ପ୍ରଶ୍ନ ମୁଣ୍ଡ ଟେକେ- ସତରେ ମିତା ତାକୁ ଭଲପାଉଥିଲା ନା ଏସବୁ ଥିଲା ତା ନିଜର ଦୁର୍ବଳତା!

ମିତା ସହ ବିତେଇଥିବା ସେହି ଦି' ବର୍ଷର କଥା ମନେପଡୁଥିଲା ପୁଲକର। ମନେ ପକେଇବାକୁ ଚେଷ୍ଟା କରୁଥିଲା - କେବେ ତାକୁ ମିତା ସିଧା ସିଧା ପୁଲକକୁ ଭଲପାଉଥବା କଥା କହିଥିଲା କି! କିନ୍ତୁ ସବୁଦିନ ସକାଳୁ ମିତା ହ୍ୱାଟ୍‌ସଆପ୍ ମେସେଜ୍ ପଠଉଥିଲା। କବିତାର ଧାଡ଼ି ଲେଖି ଶୁଣଉଥିଲା। ଜନ୍ମଦିନରେ ଚମତ୍କାର ଗ୍ରିଟିଂସ୍ ଓ କୁର୍ତ୍ତା କିଣି ପୁଲକ ଉପହାର ଦେଉଥିଲା। ଅଧିକାଂଶ ଦିନ ସନ୍ଧ୍ୟାର ବିଳମ୍ବିତ ପ୍ରହର ପର୍ଯ୍ୟନ୍ତ ବେଳାଭୂମିରେ ବସାଇ ଗୀତ ଶୁଣାଉଥିଲା।

ପୁଲକ ମିତାକୁ କହୁଥିଲା, ଶାସ୍ତ୍ରୀୟ ସଂଗୀତର ଚର୍ଚ୍ଚା ମାସକରେ କି ବର୍ଷକରେ ସରେ ନାହିଁ। ଏହା ଜନ୍ମ ଜନ୍ମର ସାଧନା। ପାହାଡ଼ ଖୋଲ ଦେଇ ବୋହି ଆସୁଥିବା ପବନର ଶବ୍ଦକୁ ଶୁଣ। ଯୁଗ ଯୁଗ ଧରି ସେମିତି ସ୍ୱର ନିନାଦିତ ହେଉଛି। ପାହାଡ଼ ଉପରୁ ଝରୁଥିବା ଝରଣାର ଶବ୍ଦ, ବାଉଁଶ ବଣ ଡେଇଁ ଆଗକୁ ବୋହିଯାଉଥିବା ଚଇତାଳିର ଗୀତ ଏପରିକି ଏଇ ସମୁଦ୍ର ଢେଉର ଶବ୍ଦ - ଯୁଗ ଯୁଗ ଧରି ସମାନ ରହିଛି। ଆମକୁ ଲାଗିପାରେ କି ଶବ୍ଦଗୁଡ଼ିକ ଭିନ୍ନ ଭିନ୍ନ, ମାତ୍ର ସେଇ ଭିନ୍ନ ଭିତରେ ବି ଅଭିନ୍ନତା ରହିଛି।

ପୁଲକର ମନେ ଅଛି, ତା କଥା ଶୁଣି ମିତା ଡବଡବ ଆଖିରେ ତାକୁ ଚାହେଁ। ସାମ୍ନାକୁ ଝୁଲୁଥିବା ଲମ୍ବା ମୁଣ୍ଡବାଳ ସାଉଁଳେଇ ଦେଇ ହସିଦିଏ।

କେତେଥର ପୁଲକ ଭାବିଥିବ, ଥରେ ମିତାକୁ ପଚାରିଦେବ - ସେ କ'ଣ ସତରେ ତାକୁ ଭଲପାଏ। କାହିଁକି କେଜାଣି ସାହସ କୁଳାଏ ନାହିଁ। ଏମିତି ବି ଥରେ ଦି' ଥର ହେଇଛି, ସେ ଏଇ ପ୍ରଶ୍ନଟା ପଚାରିବ ବୋଲି ବାହାରିବାବେଳକୁ ମିତା ତା ଆଡୁ କହିଉଠିଛି- ଜଳିବାରେ ଯୋଉ ଆନନ୍ଦ ପୋଡ଼ିଯିବାରେ ନାହିଁ। ଦହନ ପରେ ତ ସବୁ ପାଉଁଶ। ପ୍ରେମ ଥାଏ ବିରହରେ, ମିଳନରେ ନୁହେଁ। ଚାହିବା ହିଁ ପ୍ରେମ, ଯେମିତି ନଈର ଧାଇଁବା। ଥରେ ମୁହାଣରେ ମିଶିଗଲେ ଆଉ ନଈ କ'ଣ, ସମୁଦ୍ର କ'ଣ ? ପୁଲକ ସେସବୁ ପ୍ରଶ୍ନ ପଚାରି ପାରେ ନାହିଁ। ନିରବ ହୋଇଯାଏ।

ଥାଉ ସେସବୁ କଥା। ଆଜି ଆଉ ମିତାର କଥା ମନେପକାଇ ସେ ପୁରୁଣା କ୍ଷତକୁ ଉଖାରିବାକୁ ଚାହେଁ ନାହିଁ। ଆଉ ଥରେ ଲହୁଲୁହାଣ ହେବାକୁ ଚାହେଁ ନାହିଁ ପୁଲକ।

ଆଜି ତା ପାଇଁ ପ୍ରେମ ଅପେକ୍ଷା ବଞ୍ଚିବାଟା ବଡ଼ ପ୍ରଶ୍ନ।

ରାତି କେତେ ହେବ ? ପୁଲକ ମନକୁ ମନ ପ୍ରଶ୍ନ କଲା। ପୁଣି ଭାବିଲା ପାହିବା ପାହିବା ହେବଣି ବୋଧହୁଏ। କିନ୍ତୁ ଏ ରାତି ଆଦୌ ନ ପାହାନ୍ତା କି! ଅନସୂୟାଙ୍କ ରାତି ପରି ଏ ରାତି ସାତ ରାତି ହୋଇଯାଆନ୍ତା କି! ସେ ପୁରାଣରେ ପଢ଼ିଥିଲା, ରାତି ପାହିଗଲେ ସ୍ୱାମୀ ମରିଯିବେ ଜାଣି ଅନସୂୟାଙ୍କ ନିଜର ତପସ୍ୟା ବଳରେ ରାତିକୁ ଅଟକେଇ ଦେଇଥିଲେ। କେହି କେହି କହନ୍ତି, ସେଇ ରାତିରେ ହନୁମାନଙ୍କୁ ଗନ୍ଧମାର୍ଦ୍ଦନ ଯାଇ ବିଶଲ୍ୟକରଣୀ ଧରି ଲଙ୍କା ଫେରିବାର ଥିଲା। ନ ହେଲେ ଲକ୍ଷ୍ମଣ ବଞ୍ଚି ନ ଥାନ୍ତେ। ଦେବତାଙ୍କ କୂଟ ଯୋଗୁଁ ଗୋଟିଏ ରାତି ସାତରାତିର ଦୀର୍ଘତା ପାଇଥିଲା ସେଦିନ। ପୁଲକର ଦେବତାମାନଙ୍କ କୂଟ କି ଅନସୂୟାଙ୍କ ତପସ୍ୟା ନେଇ କୌଣସି ଆଗ୍ରହ ନଥିଲା। ରାତି ପାହିଲା କ୍ଷଣି ଘର ମାଲିକାଣୀ ଆସି ପୁଣି ଥରେ ବର୍ଷକର ଘରଭଡ଼ା ମାଗିବସିବେ। ତା' ପରର ଅବସ୍ଥା ଯାହା ହେବ ସେକଥା ପୁଲକ କଳ୍ପନା କରପାରୁ ନ ଥିଲା। ସେସବୁ ଭାବିଲାକ୍ଷଣି ତାକୁ ଭାଦ୍ରବର ଏହି ମେଘପଖଲା ପୃଥିବୀ ମଥା ଉପରର ଆକାଶ, କୃଷ୍ଣ ପକ୍ଷର ଜହ୍ନ, ନଡ଼ିଆ ଗଛ ସେପଟୁ ଦିଶୁଥିବା ସମୁଦ୍ର ଓ ଟୋପାଟୋପା ବର୍ଷା ପଡୁଥିବାର ଶବ୍ଦ ସବୁ ଅର୍ଥହୀନ ଲାଗୁଥିଲା।

ପୁଲକ ଘର ଭିତରକୁ ଗଲା।

ଖଟ ତଳୁ ହାର୍ମୋନିୟମଟିକୁ ଭିଡ଼ି ଆଣି ରିଡ୍ ଉପରେ ହାତ ଚଳାଇଲା - ସା ରେ ଗା ପା ଧା ସା,ସା ଧା ପା ଗା ରେ ସା। ରାଗ ଶିବରଂଜନୀ। ମିତାର ପ୍ରିୟ ରାଗ। ଧୀରେ ଧୀରେ ସେଇ ରାଗରେ ଗାଇ ଚାଲିଲା ତାର ଗୋଟିଏ ପରେ ଗୋଟିଏ ଗୀତ।

ଆଖି ବୁଜି ଗୀତ ଗାଉଥିଲା ପୁଲକ। ତା ଆଖି ସାମ୍ନାରେ ଦିଶି ଯାଉଥିଲା ତା'ର ଗୁରୁଙ୍କ ଚେହେରା। ଗମ୍ଭୀର ଅଥଚ ହସ ହସ ମୁହଁ। ରାଗ ଶିବରଂଜନୀ ଶିକ୍ଷା ଦେବାବେଳେ ଗୁରୁ କହିଥିଲେ, "ବିଳାପର ବି ଗୋଟେ ଅଦ୍ଭୁତ ଶକ୍ତି ଅଛି। ଲହରୁ ସାମର୍ଥ୍ୟ ଓ କାରୁଣ୍ୟର ପରାକାଷ୍ଠା ଉଭୟ ଶିବରଂଜନୀ ରାଗ ଆମକୁ ଶିକ୍ଷା ଦିଏ। ଶିବଙ୍କ ମନକୁ ସନ୍ତୋଷ

ଦେଇଥିବା ଏ ରାଗର ଶକ୍ତି ଅସୀମ। ଉଭୟ ହିନ୍ଦୁସ୍ତାନୀ ଏବଂ କର୍ଣ୍ଣାଟକୀ ଶାସ୍ତ୍ର ଏହି ରାଗକୁ ଆଦରି ନେଇଛନ୍ତି। ଗୁରୁଦେବ ହିନ୍ଦୀ ସିନେମାର ପ୍ରସିଦ୍ଧ ଦୁଇ ସଂଗୀତ ନିର୍ଦ୍ଦେଶକଙ୍କ ନାଆଁ ଉଲ୍ଲେଖ କରିଥିଲେ। ସେ ଦି'ଜଣ ଏ ରାଗଟିକୁ ବେଶ୍ ଲୋକପ୍ରିୟ କରାଇଥିଲେ। ତେବେ ସିନେମାର ଶାସ୍ତ୍ରୀୟ ସଂଗୀତର ଅପମିଶ୍ର ରୂପ ପ୍ରକଟ ହୋଇପାରେ ନାହିଁ। ତାହା କେବଳ ଶୁଦ୍ଧ ଭାବେ ଫୁଟି ଉଠେ ଶାସ୍ତ୍ରୀୟ ସଂଗୀତ ଚର୍ଚ୍ଚାରେ। ଏ ରାଗଟିକୁ ବୋଲିବାର ପ୍ରକୃଷ୍ଟ ସମୟ ବିଳମ୍ବିତ ସନ୍ଧ୍ୟାରୁ ମଧ୍ୟରାତ୍ର ବୋଲି ତା' ଗୁରୁ କହିଥିଲେ। ରାତି ସରି ଯାଉଥିବ, ଫୁଲର ପାଖୁଡ଼ାଗୁଡ଼ିକ ଫିଟି ଫିଟି ଆସୁଥିବେ, ଜହ୍ନ ତାରା ମାଗୁଥିବେ ମେଲାଣି, ଅନ୍ତର ଭିତରର ସବୁ ଦୁଃଖ, ଅବସାଦ, କୋହ ଓ ନିଷ୍ଫଳ ଅଭିମାନ ଲୁହ ଟୋପା ହୋଇ ଝରିଯାଉଥିବ। ରାତି ପାହିଲା ବେଳକୁ ଅନୁଭବ କରିବ ତୁମେ ଆଉ ଆଗ ସଞ୍ଜର ମଣିଷ ହୋଇ ନାହଁ। ଏହା ଭିତରେ ତୁମ ମଞ୍ଜ ବଦଳ ହୋଇ ସାରିଛି।"

ପୁଲକ ଆଖି ବୁଜି ଗାଉଥିଲା। ଗୋଟିଏ ହାତ ହାର୍ମୋନିୟମର ରିଡ୍ ଉପରେ ଏବଂ ଆର ହାତଟି ଢୋଙ୍କଣିକୁ ଆଗପଛ କରୁଥିଲା। କେତେବେଳେ ତାର ଆଳାପରୁ ବିଳମ୍ବିତ, ମଧ୍ୟାଳୟ ହୋଇ ଦ୍ରୁତ ବନ୍ଦିଶରେ ପହଞ୍ଚି ଯାଉଥିଲା ସେକଥା ପ୍ରତି ପୁଲକର ଧ୍ୟାନ ନ ଥିଲା। ତା'ର ଅଲରା ବାଳଗୁଡ଼ିକ ପଙ୍ଖା ପବନରେ ଉଡୁଥିଲା, ଆଖିରୁ ଲୁହଧାର ନିଗୁଡୁଥିଲା ଧାର ଧାର ହୋଇ ଏବଂ ହାର୍ମୋନିୟମର ସ୍ୱର ଘର ଭିତରୁ ଝରକା ବାଟେ ଯାଇ ମିଶିଯାଉଥିଲା ସମୁଦ୍ରର ଗର୍ଜନ ସାଙ୍ଗରେ।

ସେଇ ମୁହୂର୍ତ୍ତରେ ପୁଲକ ସତେ କି ପାଲଟି ଯାଇଥିଲା ଶିବ ଏବଂ ପାର୍ବତୀ - ଉଭୟ।

ପ୍ରେମିକ ଓ ପ୍ରେମିକା।

ସ୍ୱପ୍ନ ଓ ଜୀବନ।

ଧରଣୀ ଏବଂ ଆକାଶ।

ଆଜି ରାତି ସତେ କି ତା' ଜୀବନରେ ଶେଷ ରାତି। ଏଇ ଗୀତ ତା ଜୀବନର ଶେଷ ଗୀତ। ଏଇ ଆଦ୍ୟ, ଏଇ ମଧ୍ୟମ, ଏଇ ପରମ ପୁଣି ଏଇ ଚରମ।

ଶେଷ ପଦକ ବୋଲିସାରି ପୁଲକ ହାର୍ମୋନିୟମ ଉପରେ ମୁଣ୍ଡ ରଖି ଶୋଇଯାଇଥିଲା। କ୍ଳାନ୍ତି ଓ ନିଦ୍ରାହୀନତା ଯୋଗୁଁ ତା' ଆଖିପତା ଯୋଡ଼ିକ ମୁଦି ହୋଇ ଆସୁଥିଲା।

କାହାର କରତାଳି ଶବ୍ଦରେ ପୁଲକ ଆଖି ଖୋଲିଲା। ମୁଣ୍ଡଟେକି ଚାହିଁଲା ସେ। ଧୀରେ ତା' ଦରଆଉଜା କବାଟ ଆଉଜେଇ ପଶିଆସୁଥିଲେ ଜଣେ ମଧ୍ୟବୟସ୍କା ଭଦ୍ରମହିଳା।

ପୁଲକ ପ୍ରଶ୍ନିଳ ଦୃଷ୍ଟିରେ ତାଙ୍କୁ ଚାହିଁଲା। ତାଙ୍କ ପଛପଟେ ତା' ଘର ମାଲିକାଣୀ। ତାଙ୍କୁ ଦେଖିଦେବା କ୍ଷଣି ପୁଲକର ଆଖି ତଳକୁ ହୋଇଗଲା, ଅପମାନର ଆଶଙ୍କାରେ।

ଭଦ୍ର ମହିଳା କହିଲେ, "ମୁଁ ମିସେସ୍ ମିତ୍ରା। ଆପଣଙ୍କ ଘର ପଛ ଲେନ୍‌ରେ ରହେ। ଢେର୍‌ଦିନ ହେଲା ଆପଣଙ୍କ କୋଠରିରୁ କୌଣସି ଗୀତ କି ବାଦ୍ୟ ଶବ୍ଦ ନ ଶୁଣି ଭାବିଥିଲି ଆପଣ ବୋଧହୁଏ ଏ ସହରରୁ ଚାଲିଗଲେଣି। ମାତ୍ର ଆଜି ପାହାନ୍ତାର ଏ ଗୀତ ମୋର ସେ ଧାରଣାକୁ ବଦଳେଇଦେଲା। ଆପଣ ରକ୍ତମାଂସର ମଣିଷ ନା ଅଭିଶପ୍ତ ଗନ୍ଧର୍ବ ?"

ପୁଲକ କିଛି ଉତ୍ତର ଦେଲା ନାହିଁ।

: ମୁଁ ମନୋରମାଙ୍କ ପାଖରୁ ଆପଣଙ୍କର ସମସ୍ୟା ସବୁ ଶୁଣିସାରିଲିଣି। ଆପଣ ଚିନ୍ତା କରନ୍ତୁ ନାହିଁ। ଭଲ ବେଳା ଯଦି ରହିଲା ନାହିଁ, ତା'ହେଲେ ଖରାପ ବେଳା ରହିବ କାହିଁକି ? - ମିସେସ୍ ମିତ୍ରା କହିଲେ।

ପୁଲକ ତଥାପି ମୁଣ୍ଡପୋତି ଛିଡ଼ା ହୋଇଥିଲା।

ଘର ମାଲିକାଣୀ ଆଗେଇ ଆସିଲେ। ପୁଲକ ରହୁଥିବା କୋଠରି ଭିତରେ ତା'ର ବ୍ୟାଗ୍‌ପତ୍ର ସବୁ ବନ୍ଧା ହୋଇ ରହିଥିଲା। ସେ ଚାରିଆଡ଼େ ଆଖି ବୁଲେଇଆଣି ସବୁକଥା ବୁଝିପାରୁଥିଲେ।

ପୁଲକ କହିଲା, "ମୁଁ ଯୋଗାଡ଼ କରିପାରିଲି ନାହିଁ ମାଡାମ୍। ଆଜି ଘର ଖାଲି କରିଦେବି। ମାତ୍ର ବିଶ୍ୱାସ ରଖନ୍ତୁ, ମୁଁ ମାସକ ଭିତରେ ଆପଣଙ୍କ ଘରଭଡ଼ା ଦେଇ ମୋର ଜିନିଷତକ ଏଠୁ ନେଇଯିବି।" ପୁଲକ ଆଖିରୁ ଲୁହ ପୋଛୁଥିଲା। ସେ ଲୁହ ତା' ଅସହାୟତା ଓ ଅସାମର୍ଥ୍ୟର ଲୁହ।

ମନୋରମା ଦେବୀ କହିଲେ, "ତା'ର ପ୍ରୟୋଜନ ନାହିଁ। ମିସେସ୍ ମିତ୍ରା କହିଛନ୍ତି, ଦଶଟାବେଳକୁ ବ୍ୟାଙ୍କ୍ ଖୋଲିଲେ ସେ ବକେୟା ଭଡ଼ା ବାବଦକୁ ମୋର ସବୁ ଟଙ୍କା ପଠେଇଦେବେ। ତୁମେ ଏବେ ଏଠି ରହିପାର।"

ମିସେସ୍ ମିତ୍ରା କହିଲେ, "ନା ମୁଁ ଦାନ ଦେଉନାହିଁ। ମୋର ଦୁଇ ନାତୁଣୀଙ୍କୁ ଆପଣ ଗୀତ ଶିଖେଇବେ। ଆପଣଙ୍କ ପରି ଜଣେ ସଂଗୀତ ଶିକ୍ଷକଙ୍କୁ ଆମେ ଏ ସହରରୁ ଛାଡ଼ିପାରିବୁ ନାହିଁ।" ତା'ପରେ ସେ ପଛକୁ ଚାହିଁ କାହାକୁ ଡାକିଲେ, "ଆଉ...ମିଷ୍ଟର ମିଶ୍ର କୁଆଡ଼େ ଗଲେ ?"

ଆମେ ଏଇଠି ଅଛୁ। ଏକାଥରେ ତିନି ଚାରିଜଣ ବୟସ୍କ ଲୋକ କହି ଉଠିଲେ। ସେମାନେ ଶିଡ଼ି ପାଖରେ ଠିଆ ହୋଇଥିଲେ।

ଦେଢ଼ଶୁରଙ୍କୁ ଦେଖି ଭାଇବୋହୂ ଓଢ଼ଣା ଦେବା ପରି ତକିଆ ତଳୁ ମାସ୍କଟି କାଢ଼ି ପୁଲକ ପିନ୍ଧି ପକେଇଲା। ଏମାନଙ୍କୁ ସେ ଚିହ୍ନେ। ତା' ଘର ଦେଇ ଯାଇଥିବା ରାସ୍ତାରେ ଏହି ଭଦ୍ରଲୋକମାନେ ସକାଳବୁଲାରେ ଯାଆନ୍ତି।

ଶ୍ରୀଯୁକ୍ତ ମିଶ୍ର କହିଲେ, "କରୋନାର ଡର କମିଗଲାଣି। ଆପଣଙ୍କ ଗୀତ ଶୁଣି ମୋ ମନ କହୁଛି ମୁଁ ଆସି ଆପଣଙ୍କଠାରୁ ତାହା ଶିଖନ୍ତି। କି ଅଦ୍ଭୁତ ଆପଣଙ୍କର ସ୍ୱର! ଆମେ ଆମର ପିଲାମାନଙ୍କୁ ଆପଣଙ୍କ ପାଖକୁ ପଠେଇବୁ। ଆପଣ ଏ ସହର ଛାଡ଼ି ଯାଆନ୍ତୁ ନାହିଁ। ଆଉ ତିନି ଚାରିମାସ ପରେ ପରିସ୍ଥିତି ନିଶ୍ଚୟ ସୁଧୁରି ଯିବ। ବିଶ୍ୱାସ କରନ୍ତୁ, ଆପଣଙ୍କର ସଂଗୀତଚର୍ଚ୍ଚା ଆମର ସକାଳ ଓ ସଞ୍ଜର ଭ୍ରମଣକୁ ଭାରି ଆନନ୍ଦ ଦେଉଥିଲା। କିଛି ଦିନ ହେଲା ଆମେ ବି ଭାବୁଥିଲୁ ଆପଣ ବୋଧହୁଏ ଏଠୁ ଚାଲିଗଲେଣି। ମୋର କିନ୍ତୁ ଗୋଟିଏ ପ୍ରସ୍ତାବ ଅଛି। ଆପଣ କାଲିଠାରୁ ଅନଲାଇନ୍ ମ୍ୟୁଜିକ୍ ସ୍କୁଲ ଆରମ୍ଭ କରନ୍ତୁ। ମୋର ଦୃଢ଼ବିଶ୍ୱାସ, ବହୁତ ଛାତ୍ରଛାତ୍ରୀ ପାଇବେ।"

ଶ୍ରୀମତୀ ମିତ୍ରା କହିଲେ, "ଆପଣମାନେ ଚାଲନ୍ତୁ। ପୁଲକ ବାବୁ ଟିକିଏ ବିଶ୍ରାମ ନିଅନ୍ତୁ। ରାତିସାରା ତ ଗୀତ ଗାଉଛନ୍ତି, ଶୋଇଥାନ୍ତେ କେତେବେଳେ। ଆଖି ଯୋଡ଼ିକ ଫୁଲିଲା ଫୁଲିଲା ଦିଶୁଛି। ସେ ବିଶ୍ରାମ ନେବା ଦରକାର।"

ପୁଲକ ଟିକିଏ ହସିଲା। ଅନେକ ଉତ୍ପୀଡ଼ନ ରାତି ଶେଷରେ ଆଜି ସେ ଏମିତି ଆଶାର ସକାଳଟିଏ ଦେଖୁଥିଲା।

ମିସେସ୍ ମିତ୍ରା କହିଲେ, "ତେବେ କାଲି ସନ୍ଧ୍ୟାରେ ମୁଁ ଆସିବି। ଦୟାକରି ଆଉ ଥରେ ଏଇ ରାଗର ଗୀତଟିଏ ଗାଇ ଆମକୁ ଶୁଣେଇବେ। କି ରାଗ ଏଇଟି ପୁଲକ ବାବୁ ?"

: ଶିବରଂଜନୀ।

: ଶିବରଂଜନୀ! ସୁନ୍ଦର। ମିସେସ୍ ମିତ୍ରା ହସିଦେଲେ। ତାଙ୍କ ହସଟି ପୁଲକକୁ ତିନି ବର୍ଷ ତଳେ ହଜିଯାଇଥିବା ଯୁବତୀ ମିତାର ହସ ପରି ଦିଶିଗଲା।

'ଅନୁଭବ'
୩୭୮, ବରମୁଣ୍ଡା ଗାଁ,
ଭୁବନେଶ୍ୱର- ୭୫୧୦୦୩
ମୋ: ୯୪୩୭୦୭୭୨୮
gourahari60@gmail.com



# କବି ମାନସିଂହଙ୍କ କାବ୍ୟବିଚାର

ଡ. ଇତି ସାମନ୍ତ



ପ୍ରାଚୀନ ଆମ ସାହିତ୍ୟ। ସମୃଦ୍ଧ ଆମ ସାହିତ୍ୟ। ଶାସ୍ତ୍ରୀୟ ଆମ ସାହିତ୍ୟ। ସହଜିଆ ଚର୍ଯ୍ୟା ଲେଖକମାନଙ୍କଠାରୁ ଆରମ୍ଭ କରି ବର୍ତ୍ତମାନ ପର୍ଯ୍ୟନ୍ତ ଆମ ସାହିତ୍ୟ ବିଭିନ୍ନ ପରିବର୍ତ୍ତନ ପଥରେ ଗତି କରିଛି, ଆଉ ସମୟ ପରେ ସମୟ ସମୃଦ୍ଧ ହୋଇଚାଲିଛି। ଆମ ସାହିତ୍ୟର ଇତିହାସକୁ ଅବଲୋକନ କଲେ ଜଣାଯାଏ, ଭିନ୍ନ ଭିନ୍ନ ସମୟରେ ଭିନ୍ନ ଭିନ୍ନ ଧାରାରେ, ଅନେକ ବରଣୀୟ ସ୍ରଷ୍ଟା ଆମ ସାହିତ୍ୟକୁ ବଳଶାଳୀ କରିଅଛନ୍ତି। ସେ ସାରଳା ଦାସ ହୁଅନ୍ତୁ, ପଞ୍ଚସଖା ହୁଅନ୍ତୁ, ଭଞ୍ଜ ହୁଅନ୍ତୁ, ଦୀନକୃଷ୍ଣ ହୁଅନ୍ତୁ, ସାମନ୍ତସିଂହାର ହୁଅନ୍ତୁ ବା ରାଧାନାଥ, ଫକୀରମୋହନ, ଗଙ୍ଗାଧର ହୁଅନ୍ତୁ, ସମସ୍ତେ ଆମର ଚିର ନମସ୍ୟ ଆଉ ବନ୍ଦନୀୟ। ଓଡ଼ିଆ ସାହିତ୍ୟକୁ ଆଧୁନିକତାର ଆଗମନ ପୂର୍ବରୁ ଓଡ଼ିଆ ସାହିତ୍ୟ ମୁଖ୍ୟତଃ ଥିଲା କାବ୍ୟକବିତା ପ୍ରଧାନ। ମାତ୍ର ଆଧୁନିକ ଧାରାର ପ୍ରବେଶ ଫଳରେ ଆମ ସାହିତ୍ୟ କାବ୍ୟକବିତା ସହିତ ଗଦ୍ୟ ରଚନାକୁ ମଧ୍ୟ ସସମ୍ମାନେ ଗ୍ରହଣ କଲା। ଏଣୁ ଆଧୁନିକ ସମୟ ହୋଇଉଠିଲା ବହୁମୁଖୀ। ସାମଗ୍ରିକ ଭାବରେ କାବ୍ୟ କବିତା, ଉପନ୍ୟାସ, ଗଳ୍ପ, ପ୍ରବନ୍ଧ, ସମାଲୋଚନା, ଜୀବନୀ, ଆତ୍ମଜୀବନୀ, ଭ୍ରମଣକାହାଣୀ ଆଦି ବିଭିନ୍ନ ବିଭାଗକୁ ଏକାଠି ନେଇ ସଦର୍ପେ ଆଗେଇ ଚାଲିଲା ଆମ ସାହିତ୍ୟ। କିନ୍ତୁ ଏଠି ଗୋଟିଏ କଥା କହିବି, ଏସବୁ ଭିତରେ ବି କବିତାକୁ ଏକ ନୂଆ ଉଚ୍ଚତାରେ ନେଇ ପହଞ୍ଚାଇଥିବା ସ୍ରଷ୍ଟାମାନଙ୍କ ଭିତରୁ ପ୍ରେମ-ସୌନ୍ଦର୍ଯ୍ୟର କବି ଡକ୍ଟର ମାୟାଧର ମାନସିଂହ ନିଶ୍ଚୟ ଅନ୍ୟତମ। ଅନେକ ଉତ୍କୃଷ୍ଟ କବିତା ସେ ଭେଟି ଦେଇଛନ୍ତି ଆମ ସାହିତ୍ୟକୁ। ମଣିଷର ସୌନ୍ଦର୍ଯ୍ୟ ପ୍ରୀତି, ପ୍ରେମ ଆଦିର ସ୍ୱାଭାବିକତା ଭିତରେ ଯେଉଁ ଅନୁଭବଗୁଡ଼ିକୁ ସେ ଉପଲବ୍ଧି କରିଛନ୍ତି ଏବଂ ସମାଜର ସାଧାରଣ ଦରଦୀ ମଣିଷଙ୍କ ସପକ୍ଷରେ ଅବା ସମାଜୀୟତା ପାଇଁ ଯେଉଁ ଚିନ୍ତାଗୁଡ଼ିକ ତାଙ୍କୁ ଆକ୍ରାନ୍ତ କରିଛନ୍ତି ତାକୁ ନେଇ ସେ କବିତା ଲେଖିଛନ୍ତି। ତେଣୁ ଅନ୍ୟମାନଙ୍କଠାରୁ ତାଙ୍କ ଦୃଷ୍ଟି ଓ ବିଚାରକୁ ନିଆରା ବୋଲି କୁହାଯାଇଥାଏ। ସେହି ପ୍ରଣମ୍ୟ କବି ମାୟାଧର ମାନସିଂହଙ୍କର ସେହି ଦୃଷ୍ଟି ଓ ବିଚାରର ଏକ ସଂକ୍ଷେପ ଆକଳନ ହେଉଛି ଏହି ଅଲେଖ୍ୟ।

ସ୍ୱାଧୀନତା ପୂର୍ବ, ପର ଓ ସ୍ୱାଧୀନତା ସମୟର ସନ୍ଧିକାଳକୁ ଭୋଗିଥିବା ଏବଂ ନିଜ ଜୀବନ ଯନ୍ତ୍ରଣାରେ ସଂଘର୍ଷରତ ଥାଇ ବିପୁଳ ସର୍ଜନାତ୍ମକ ଅବଦାନ ଦେଇଚାଲିଥିବା ଲେଖକ ଥିଲେ ମାୟାଧର ମାନସିଂହ। ଓଡ଼ିଆ ସାହିତ୍ୟରେ ଏପରି କୌଣସି ବିଭାଗ ନାହିଁ, ଯାହା ତାଙ୍କ ଲେଖନୀ ସ୍ପର୍ଶରେ ସଂଜୀବିତ ହୋଇନାହିଁ। କାବ୍ୟ, କବିତା, ପ୍ରବନ୍ଧ, ସମାଲୋଚନା, ଜୀବନୀ, ଶିକ୍ଷା ଦର୍ଶନ, ଗଳ୍ପ ଓ ନାଟକ ଇତ୍ୟାଦି ସମସ୍ତ ବିଭାଗକୁ ସ୍ପର୍ଶ କରିଛନ୍ତି ସେ। ମାତ୍ର ତାଙ୍କ କବିତା ଏତେ ଚର୍ଚ୍ଚିତ ଯେ, ତା' ତୁଳନାରେ ତାଙ୍କର ଅନ୍ୟ ଲେଖାଗୁଡ଼ିକ ସବୁବେଳେ ପଛ ଧାଡ଼ିକୁ ଚାଲିଯାଆନ୍ତି। ତାଙ୍କ କବିତାର ଅମୃତ ଛୁଆଁରେ ଯୁଗଯୁଗକୁ ଓଡ଼ିଆ କବିତା ଜୀବନମୟ ହୋଇଯାଇଛି।

ସତ୍ୟ-ଶିବ-ସୁନ୍ଦରର ଚିରପୂଜାରୀ ମାୟାଧର ମାନସିଂହଙ୍କ କାବ୍ୟ ଦୃଷ୍ଟି ବା କାବ୍ୟ ବିଚାର ମଧ୍ୟ ଥିଲା ଅନନ୍ୟ ଏବଂ ଅସାଧାରଣ। ଓଡ଼ିଆ ସାହିତ୍ୟ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ଧାରା ଅବା ଦୃଷ୍ଟିକୁ ନେଇ ଆଗକୁ ଆଗେଇଛି। ଯେତେବେଳେ ମାୟାଧର ମାନସିଂହ ଓଡ଼ିଆ କବିତା ସରୋବରରେ ସନ୍ତରଣ କରିବା ଆରମ୍ଭ କଲେ, ସେହି ସମୟରେ ସବୁଜୀୟ ଚିନ୍ତାଧାରାର ପ୍ଲାବନ ଓଡ଼ିଆ ସାହିତ୍ୟରେ ହେଉଥିଲା। 'ସବୁଜ ଗୋଷ୍ଠୀ'ର ସାହିତ୍ୟ ଚର୍ଚ୍ଚା ଥିଲା ଚାରିଆଡ଼େ। ଏହି ସମୟରେ ତାଙ୍କର

କବିତା ପୁସ୍ତକ 'ଧୂପ' (୧୯୩୧) ମଧ୍ୟ ପ୍ରକାଶ ପାଇଥିଲା। 'ଧୂପ' ପ୍ରକାଶ ପାଇବା ସମୟରେ ବା ତା' ପୂର୍ବରୁ ସେ ଯେଉଁ କବିତାଗୁଡ଼ିକ ଲେଖିଥିଲେ, ସେଥିରେ ମାନସିଂହଙ୍କ ବିଚାର ଅବା ଦୃଷ୍ଟି ସ୍ପଷ୍ଟ ଜଣାଯାଉଥିଲା। ସବୁଜ ଧାରା ଥିଲା ସ୍ୱପ୍ନ ଓ କଳ୍ପନାର ସମୟ। ସତ୍ୟବାଦୀ ଚିନ୍ତନରୁ ବାହାରି, ସବୁଜ ଗୋଷ୍ଠୀ ସ୍ୱପ୍ନ ଆଉ କଳ୍ପନାର କାଉଁରୀ ଛୁଆଁକୁ ବୁଣୁଥିଲେ। ମାତ୍ର, ମାୟାଧର ମାନସିଂହ କେବଳ ଏମିତି ଏକ ବିଚାରଠାରୁ ଦୂରରେ ଥିଲେ। ତାଙ୍କର ସମସାମୟିକଙ୍କଠାରୁ କିଞ୍ଚିତ୍ ଦୂରରେ ରହି, ସେ କହୁଥିଲେ, 'ସାହିତ୍ୟରେ କଳ୍ପନା ଓ ସ୍ୱପ୍ନର ପ୍ରୟୋଜନ ଥିଲେ ହେଁ, ତାହା ଏକମାତ୍ର ବା ପ୍ରଧାନ ପ୍ରୟୋଜନ ନୁହେଁ। ମାନବ ଓ ଜୀବନର ଅଗଣିତ ଦୁଃଖ ବେଦନା ହିଁ ସାହିତ୍ୟକୁ ପ୍ରକୃତରେ ମେରୁଦଣ୍ଡ ଦାନକରେ ଓ କଲ୍ୟାଣମୟ କରେ। ଆମ୍ଭମାନଙ୍କ ପ୍ରାଚୀନ କାବ୍ୟ ସଂସାର କବିକଳ୍ପନାର ସ୍ଫଟିକ ପ୍ରାଚୀର ମଧ୍ୟରେ ବଢ଼ିଆସିଛି। ବାହାରେ ଦୃଶ୍ୟମାନ ଧୂଳିମୟ ସୃଷ୍ଟିର ସତ୍ୟ ସହିତ ତା'ର ବିଶେଷ ସଂପର୍କ ନାହିଁ। କିନ୍ତୁ, ଏହି ଧୂଳି ଆବର୍ଜନାର ସୃଷ୍ଟି ତ ସତ୍ୟ ସୃଷ୍ଟି।' ପୁଣି ସେ କହିଛନ୍ତି, 'ଜଗତର ଶ୍ରେଷ୍ଠ କବିଗଣଙ୍କ କାବ୍ୟ କବିତାରେ ଏହା ହିଁ ଦେଖିବାକୁ ମିଳେ। ସେମାନଙ୍କର ମୁକୁଟ ଆକାଶ ସ୍ପର୍ଶ କରିଥିଲେ ହେଁ, ସେମାନଙ୍କର ପାଦ ତାଙ୍କର ନିଜ ଦେଶ ମାଟି ଉପରେ। ସେମାନେ ନିଜ ମାଟିରୁ ରସ ସଂଗ୍ରହ କରି, ନିଜର ପ୍ରତିଭା ବଳରେ ହିଁ ତାକୁ ସବୁ ଦେଶର ସମ୍ପତ୍ତି କରିଯାଇଛନ୍ତି।' କବିତା ଓ ସାହିତ୍ୟର ଚରିତ୍ର ବିଷୟରେ ଏଇ ଯାହା ସେ କହିଛନ୍ତି, ଏହା ହିଁ ହେଉଛି ତାଙ୍କର କାବ୍ୟ ବିଚାର।

ମାନସିଂହଙ୍କର ଦୃଷ୍ଟି ଓ ଦର୍ଶନ ଥିଲା ଖୁବ୍ ବ୍ୟାପକ। ପ୍ରାଚ୍ୟ ଓ ପାଶ୍ଚାତ୍ୟ ସାହିତ୍ୟର ଗଭୀର ଅଧ୍ୟୟନ ଏବଂ ପ୍ରାଚ୍ୟ ପାଶ୍ଚାତ୍ୟ ଜୀବନର ମୁଗ୍ଧ ଅବଲୋକନ ତାଙ୍କର ଚିନ୍ତାକୁ ବ୍ୟାପକ କରିଥିଲା। ତେଣୁ ସେ ସାଧାରଣତାରୁ ବାହାରି ବିସ୍ତାରିତ ଦୃଷ୍ଟିଭଙ୍ଗୀ ନେଇ କବିତା ଲେଖୁଥିଲେ। ସେ ମାଟିକୁ ଭଲପାଉଥିଲେ, ପ୍ରକୃତିକୁ ଭଲପାଉଥିଲେ, ମଣିଷକୁ ଭଲପାଉଥିଲେ, ଦେଶମାତୃକାକୁ ଭଲପାଉଥିଲେ। ମହାପୁରୁଷଙ୍କ ତ୍ୟାଗପୂତ ଜୀବନୀକୁ ହୃଦୟତାର ସହ ନିରୀକ୍ଷଣ କରୁଥିଲେ। ଜୀବନ ମୃତ୍ୟୁର ସ୍ୱାଭାବିକତାର ଦର୍ଶନକୁ ବୁଝିଥିଲେ। ଏସବୁ ସହ ଓଡ଼ିଶାର ପୂର୍ବ ଗୌରବ, ବୀରତ୍ୱ, ଶିଳ୍ପକଳା, ବାଣିଜ୍ୟ ଓ ସ୍ୱାଭିମାନ ତାଙ୍କୁ ଉଦ୍‌ବୁଦ୍ଧ କରିଥିଲା। ତତ୍କାଳୀନ ଅଧଃପତିତ ଓଡ଼ିଶାର ଦୁଃଖ ଦୁର୍ଦ୍ଦଶା ତାଙ୍କୁ ବ୍ୟଥିତ କରିଥିଲା। ତାଙ୍କର 'କୋଣାର୍କ', 'ବାରବାଟୀ', 'ମହାନଦୀରେ ଜ୍ୟୋସ୍ନା ବିହାର', 'ବନ୍ଦେ ଉତ୍କଳ ଜନନୀ', 'ଉତ୍ତିଷ୍ଠ ଉତ୍କଳ' ପ୍ରଭୃତି କବିତାରେ ସେ ଉତ୍କଳ ପ୍ରୀତିର ପରିଚୟ ଦେଇଛନ୍ତି। କୋଣାର୍କର ବିଶ୍ୱଜୟୀ କାରୁକାର୍ଯ୍ୟ ଭିତରେ ସେ ଯେଉଁ ଆତ୍ମଗର୍ବ ଅନୁଭବ କରିଛନ୍ତି, ତାହା ତାଙ୍କ 'କୋଣାର୍କ' କବିତାର ଏହି ପଂକ୍ତିରୁ ଜଣାପଡ଼େ-

"ଅନିନ୍ଦିତେ ହେ ବେଳା - ଶୋଭନେ,
ଯେବେ ତୁମ୍ଭେ ଉଠିଲ ଗଗନେ
ଭେଦିଣ ସହସା ନଦୀ-ନୀଳ-ବେଣୀ ସ୍ୱର୍ଣ୍ଣ-ସଇକତ
କ୍ଷୀରୋଦ ପ୍ରଶାନ୍ତ ଗର୍ଭୁ ବିଶ୍ୱରମା ବିଷ୍ଣୁ-ପତ୍ନୀବତ
ଅତର୍କିତେ ଫିଟିଥିବ ଏ ଦେଶର ଅୟୁତ ଲୋଚନ
କୋଟି ହସ୍ତବଦ୍ଧ ହୋଇ କରିଥିବ, ତୁମ୍ଭରି ବନ୍ଦନ-
'ଜୟ ସ୍ୱର୍ଗନିବାସିନୀ ଅବତୀର୍ଣ୍ଣା ମର୍ତ୍ତ୍ୟ ବିଭୂଷଣେ
ରୁକ୍ଷ ବିଶ୍ୱେ ଶୋଭା ବିତରଣେ।"

ସେହିପରି ବିଭିନ୍ନ କବିତା ମାଧ୍ୟମରେ ସେ ଉତ୍କଳର ବରପୁତ୍ର ଉତ୍କଳମଣି ଗୋପବନ୍ଧୁ, ସାମନ୍ତ ଚନ୍ଦ୍ରଶେଖର, କବିବର ରାଧାନାଥ, କବି ଗୋପାଳକୃଷ୍ଣଙ୍କ ସହିତ ଜାତିର ପିତା ମାହାତ୍ମା ଗାନ୍ଧୀ, ରବୀନ୍ଦ୍ରନାଥ ଟାଗୋର, ବିନୋବା ଭାବେଙ୍କ ପ୍ରତି ଅନ୍ତରର ଶ୍ରଦ୍ଧା ଅର୍ପଣ କରିଛନ୍ତି। ଏଥିସହ ସମାଜରେ ଥିବା ଅସମାନତା, ଦଳିତଙ୍କ ଦୁଃଖ, ନଥିଲାଙ୍କ ଉପରେ ଥିଲାଙ୍କ ଅତ୍ୟାଚାର ତାଙ୍କୁ ବ୍ୟଥିତ କରିଥିଲା। ସେହି ବ୍ୟଥାରୁ ସେ ରଚନା କରିଥିଲେ 'ରିକ୍‌ସାବାଲା', 'ମଜଦୁର', 'କୃଷକ', ବଢ଼େଇ', 'କିରାଣି' ଆଦି କବିତା। 'କୃଷକ' କବିତାର ଏହି ପଂକ୍ତିଟି କୃଷକମାନଙ୍କ ପ୍ରତି ତାଙ୍କ ଦରଦକୁ ବୁଝାଏ-

ଧରାତଳେ କ୍ରୂର ପରିହାସ
କାଟି ଶସ୍ୟ, ରହେ ଉପବାସ।
ସକଳେ ଯେ ଯୋଗାଏ ଭୋଜନ
ନିଜ ଥାଳେ ନାହିଁ ତା'ର ଅନ୍ନ।
ତା' ଥାଳିରୁ ଭାତ ନେଇ କାଢ଼ି
ଦେଖ ବଡ଼ଲୋକ - କୋଠା - ଗାଡ଼ି।

ମାନସିଂହଙ୍କ କବିତା ପ୍ରକୃତରି କଥା ମଧ୍ୟ କହିଥାଏ। ପ୍ରକୃତିର ସୌନ୍ଦର୍ଯ୍ୟ ଭିତରେ ଯେଉଁ ତନ୍ମୟତା ତାଙ୍କ କବି ମାନସ ଭୋଗେ, ତାକୁ କବିତାର ଧାଡ଼ିରେ ଧାଡ଼ିରେ ରୂପ ଦିଅନ୍ତି ସେ। ତାଙ୍କର 'ପ୍ରିୟ ଭୂମି' କବିତାର ଏକ ପଂକ୍ତିରୁ ଆମେ ଏହାର ଏକ ଉଦାହରଣ ପାଇପାରିବା-

ବିସ୍ତୀର୍ଣ୍ଣ ପ୍ରକୃତି ଯହିଁ ଦିଗମ୍ବର ବେଶେ
ବୃକ୍ଷହୀନ-ହେମକାନ୍ତ-ସିକତା ବିସ୍ତାରେ
ମହୋଦଧି ତଟ ପ୍ରାନ୍ତେ। ସିନ୍ଧୁ - ସିକତାରେ
କ୍ରୀଡ଼ନ୍ତି ନିଶୀଥେ ତହିଁ ଜଳକନ୍ୟାଗଣ
କିଆ କୁଞ୍ଜେ ଲୁଚକାଳି, କୋମଳ ଚରଣ
ବୁଡ଼େନାହିଁ ବାଲୁକାରେ। ବର୍ଷାରମ୍ଭେ ତହିଁ
ପୁନ୍ନାଗ କୁସୁମ ଗନ୍ଧ ପ୍ରାଣ ଦିଏ ଦହି
ବିରହୀ ତରୁଣଙ୍କର। କ୍ଷୁବ୍ଧ ପାରାବାର
ଢାଳେ ଚୂର୍ଣ୍ଣ-ମଣି-ଚୂଡ଼ ଦୀର୍ଘ-ଉର୍ମିବାର
ସେ ଭୂମିର ପଦତଳେ; ତା' ଗୁରୁଗର୍ଜନ
ରଚେ ତହିଁ ଶାଶ୍ୱତିକ ମୃଦଙ୍ଗ ଘୋଷଣ।

ମାନସିଂହଙ୍କ କବିତାକୁ ଲକ୍ଷ୍ୟକଲେ ଜଣାଯାଏ, କବିତାରେ ଜୀବନର ପ୍ରାୟ ସମସ୍ତ ଦିଗକୁ ସେ ଛୁଇଁଥିଲେ। ମାଟି, ପ୍ରକୃତି, ମଣିଷ ସହ ଚିରନ୍ତନ ବାସ୍ତବତା 'ପ୍ରେମ'କୁ ମଧ୍ୟ ସେ ଏକ ଉତ୍ତରିତ ସ୍ତରରେ ନେଇ ରଖିଥିଲେ। ମାନବୀୟ ପ୍ରେମର ମିଳନ, ବିରହ, ଆନନ୍ଦ, ଅଶ୍ରୁର ନାନ୍ଦନିକ ପ୍ରକାଶ ତାଙ୍କ କବିତାମାନଙ୍କରେ ଦେଖିବାକୁ ମିଳେ। ତାଙ୍କ ପ୍ରେମ କବିତା ଓଡ଼ିଆ ବାଙ୍ମୟତାର ପରିଚୟ। ତାଙ୍କ ପ୍ରେମ କବିତାରେ ଦେହଜ ପ୍ରେମ ଯେଉଁଭଳି ଭାବରେ ଅଭିବ୍ୟକ୍ତ ହୋଇଛି, ତାହା ଓଡ଼ିଆ କବିତାରେ ଆଉ ସମ୍ଭବ ହୋଇନାହିଁ। ପ୍ରେମ ଯେ ଆରାଧନାଯୋଗ୍ୟ, ଏହା ତାଙ୍କ କବିଚେତନା ମୁକ୍ତ କଣ୍ଠରେ କହିଛି। ଜଣେ ପୁରୁଷ ପାଇଁ ନାରୀର ପ୍ରେମପ୍ରାପ୍ତି, ପୂଜା ପରେ ବରଦାନ ସଦୃଶ। ଯେଉଁଥିପାଇଁ 'ପାପ ଓ ପ୍ରେମ' କବିତାରେ ସେ ଲେଖିଥିଲେ-

'ନୟନୁ ଯାହାର ଲୋତକ ମୋ ପାଇଁ ବହିଲା
ମୋ ନୟନେ ସେ ତ ପରମପୂଜ୍ୟ ମହିଳା।'

ପ୍ରେମିକାକୁ ପରମପୂଜ୍ୟ ସ୍ଥାନରେ ବସାଇବା କ'ଣ ତାକୁ ପୂଜା କରିବା ସହିତ ସମାନ ନୁହେଁ କି? ପ୍ରେମକୁ ସେ ଶ୍ରେଷ୍ଠ ଗୌରବ ଭାବରେ ବିବେଚନା କରିଛନ୍ତି। ଜୀବନରେ ଯଦି ଶ୍ରେଷ୍ଠ ଗୌରବ ବୋଲି କିଛି ଥାଏ, ତେବେ ତାହା ହେଉଛି ପ୍ରଣୟିନୀର ପ୍ରେମ ଏବଂ ତାହା ମଧ୍ୟ ଏକ ସାଧନାର ଉପଲବ୍ଧି। ଯେଉଁଥିପାଇଁ ସେ କହିଛନ୍ତି-

'ଜୀବନେ ଯଦି କିଛି ଥାଏ ମୋ ଗଉରବ
ଶ୍ରେଷ୍ଠ ତହିଁ ରାଣୀ, ପ୍ରଣୟଦାନ ତବ,
ତା'ଘେନି ଏ ଜଗତେ ଜାଣିବେ ଲୋକେ ମତେ
ନ କହି ତା' କିପରି ରହିବି ମୁଁ ନିରବ

ସେ ପରା ହେଲା ମୋର ଶ୍ରେଷ୍ଠ ଗଉରବ।'

କବି ମାନସିଂହଙ୍କ ବିଚାରରେ, ପ୍ରେମର ଅନୁଭବ ସ୍ୱର୍ଗୀୟ। ପ୍ରଣୟିନୀକୁ ନେଇ ବିତାଇଥିବା ମୁହୂର୍ତ୍ତଗୁଡ଼ିକ ଅତୀତ ହୋଇଗଲେ ବି, ତାହା ସବୁବେଳେ ଅନୁପମ ସ୍ମୃତିର ସୌରଭରେ ଆର୍ଦ୍ର ଆଉ ଜଡ଼ସଡ଼। ଯେଉଁଥିପାଇଁ କବି ମାନସ ସେହି ପ୍ରେମଜ ସ୍ମୃତିକୁ ମନେପକାଇ ଗାଇ ଉଠିଛି-

"ଏଇ ସହକାର ତଳେ
ସେହିନ ପ୍ରିୟାର କରକଂକଣ
ଭିଡ଼ି ଥିଲା ମୋର ଗଳେ।"

ସେଦିନ ସହକାର ବା ଆମ୍ବଗଛ ମୂଳରେ କାବ୍ୟନାୟକ ବିତେଇଥିବା ପ୍ରେମଜ ମୁହୂର୍ତ୍ତକୁ ଏଭଳି ଭାବରେ କବି କବିତା ରସିକମାନଙ୍କ ପାଇଁ ଛାଡ଼ିଯାଇଛନ୍ତି, ତାହା ହୋଇଉଠିଛି ଯୁଗ ଯୁଗ ପାଇଁ ପ୍ରେମର ଏକ ମହାକାବ୍ୟ। ସେଥିରେ ପ୍ରେମିକ ଅଛି, ପ୍ରଣୟିନୀ ବି ଅଛି। ପ୍ରେମର ଅନୁପମ ଅନୁଭବ ବି ଅଛି। ତେଣୁ ପୁଣି ସେ ଗାଇଉଠିଛନ୍ତି,

"ନଗରେ ପ୍ରଦୀପ ନିଭି ଆସୁଥିଲା
ନିଶୀଥ-ନିଦ୍ରା ପାଇଁ,
ପ୍ରାନ୍ତର ଭରି ଝିଂକାରୀ କରି
ଉଠୁଥିଲା ସାଇଁ ସାଇଁ।
ଶଂକିତେ ଗୋରୀ ଥରଥର କରି
ଚଉଦିଗେ ଚାହୁଁଥାଏ
ପ୍ରତିଥର ମୁହିଁ ସହଚରୀ ମୁଖି,
ଅଧର-ମଦ୍ୟ ପାଏ,
ଭୟେ ଭୟେ ତରତରେ
ଏଇ ସହକାର ତଳେ।"

ପୁଣି ଦେହତ୍ୟାଗ ପରେ ବି କାବ୍ୟନାୟକର ଆତ୍ମା ଅପେକ୍ଷା କରିରହିଛି, ପ୍ରଣୟିନୀର ଛାୟା ସ୍ପର୍ଶକୁ। ମରଣ ପରେ ବି ପ୍ରେମ ପାଇଁ ବାରମ୍ବାର ସେ ଜନ୍ମ ନେବାକୁ ଚାହେଁ।

ଶୁଣିବ ଯେବେ ପ୍ରିୟା ଗୋ ମୋର
ପ୍ରଣୟୀ ତବ ଜଗତେ ନାହିଁ
ଆସିବ ମୋର ଉସ୍ମ ପାଶେ
ଦେବ ହେ ତାରେ ଦେହରେ ଛାଇ
ପାରିବ ଯଦି ଉସ୍ମ ପରେ
ପଦ୍ମପାଦ ଚାଳିବ ଧୀରେ
ଜୀବନ ପୁଣି ଲଭିବି ସଖି
ନିଶ୍ଚୟ ମୁଁ ମରଣ - ତୀରେ। (ପ୍ରେମ ଓ ମୃତ୍ୟୁ; ଧୂପ)

ସତରେ କି ଉତ୍ତରିତ ଚିନ୍ତା ପ୍ରେମକୁ ନେଇ ସ୍ୱକୀୟା, ପରକୀୟାର ଊର୍ଦ୍ଧ୍ୱରେ ରହି ମାନସିଂହଙ୍କର ଯେ କି କାବ୍ୟଭ୍ରମଣ! ଦେହରେ ବି ବିଦେହରେ ବି କାବ୍ୟନାୟକର ପ୍ରେମ ପାଇଁ ଅପୂର୍ବ ଲୋଡ଼ିବା ପଣ! ବାସ୍ତବରେ ଆଶ୍ଚର୍ଯ୍ୟ ହେବାକୁ ହୁଏ।

ପ୍ରାରମ୍ଭିକ ସମୟରେ 'ଧୂପ'ରେ ପ୍ରେମକୁ ନେଇ ଯେଉଁ ପୁଲକତା ପ୍ରଦର୍ଶନ କରିଥିଲେ କବି ମାନସିଂହ; ପରେ ସେହି ପୁଲକତା 'ହେମଶସ୍ୟ', 'ହେମପୁଷ୍ପ' କବିତା ଗ୍ରନ୍ଥରେ ପ୍ରେମକୁ ଦେହରୁ ବିଦେହକୁ ଯିବା ପାଇଁ ମାର୍ଗ ଖୋଲି ଦେଇଛି। ମାନସିଂହଙ୍କ କବିତା ଏୟା ହିଁ ତ କରେ। ବନ୍ଧ ଥିବା ବାଟକୁ ମୁକୁଳା କରିଦିଏ। ବାସ୍ତବରେ ତାଙ୍କ କାବ୍ୟ ବିଚାର ଏପରି ଯେ, ସେଠି ସତ-ବାସ୍ତବତା-ସ୍ୱାଭାବିକତା ସବୁ ଉପର ସ୍ତରକୁ ଉଠିଯାଆନ୍ତି। ଆଉ ଆମର ଆଖି ଖୋଲିଦିଅନ୍ତି, ପୁଣି ଆଶ୍ଚର୍ଯ୍ୟ ବି କରାନ୍ତି। ୧୩ ନଭେମ୍ବର ୧୯୦୫ ମସିହାରେ ଚଳିକା, ନନ୍ଦଳାରେ ଧରାବତରଣ କରିଥିବା ମାନସିଂହଙ୍କ ପ୍ରେମିକ ଆତ୍ମା ଅକ୍ଟୋବର ୧୧, ୧୯୭୩ କୁମାର ପୂର୍ଣ୍ଣିମାରେ ସ୍ୱର୍ଗାରୋହଣ କରିଥିଲା। ମାତ୍ର ତାଙ୍କ କାବ୍ୟ ବିଚାରରେ ସେ ଯେଉଁ ଉତ୍ତୁଙ୍ଗତା ଛୁଇଁଛନ୍ତି ଏବଂ ଯେଉଁ ଅନୁଭବରେ ଦୁନିଆରେ କାବ୍ୟରସିକମାନଙ୍କୁ ଭ୍ରମଣ କରାଇଛନ୍ତି, ତାହା ଅଦ୍ୱିତୀୟ ମାନସିଂହଙ୍କ ପରି କାବ୍ୟ ବିଚାରର କବିଙ୍କୁ ଓଡ଼ିଆ ସାହିତ୍ୟ ବାରମ୍ବାର ଆଶା ରଖେ; ମାତ୍ର ଆମେ ଜାଣିଛେ, ମାନସିଂହ କେବଳ ଆଉ କେବଳ ଜଣେ, ସେ ନିଜେ।

**ନୀଳିମା ନିଳୟ, ପ୍ଲଟ୍ ନଂ- ୪୨୧/୨୩୫୯,**
**ପଦ୍ମାବତୀ ବିହାର, ଶୈଳଶ୍ରୀ ବିହାର,**
**ଭୁବନେଶ୍ୱର-୨୧**
**ମୋବାଇଲ୍: ୯୯୩୭୨୨୦୨୨୯**
E-mail: itisamanta2014@gmail.com
Website: itisamanta.com/ Facebook: https://www.facebook.com/ItiraniSamantaOfficial/
Instagram: https://www.instagram.com/dr.itirani-samanta/
Twitter: https://twitter.com/iti_samanta
Wikipedia: https://en.wikipedia.org/wiki/Iti_Rani_Samanta





# ଓଡ଼ିଆ ଭଦ୍ରଲୋକ

## ଅନୁବାଦ: ନିଖିଳେଶ ଗିରି



ସହଦେବର ଘର ଓଡ଼ିଶାର କଟକ ସହରରେ। ସତର ବର୍ଷ ବୟସରେ ସେ ଆମ କଲିକତା ପାଖ ଆଲମବଜାରସ୍ଥିତ ଟେଗୋର ବଙ୍ଗଳାରେ ମାଳୀ କାମ କରିବାକୁ ଆସିଥିଲା। ଇଏ ୧୯୨୦ ମସିହାର କଥା। ଆମ ପରିବାର ଖୁବ୍ ସମ୍ଭ୍ରାନ୍ତ ଥିଲା। ଘରବାଡ଼ି ଏତେ ବଡ଼ ଥିଲା ଯେ ତହିଁରେ ପ୍ରାୟ ଚାଳିଶ ଜଣ ମାଳୀ କାମ କରୁଥିଲେ। ଆଉ ତାଙ୍କ ମୁଖିଆର ନାଁ ଥିଲା ଅଗ୍ନି। ତା'ରି ତତ୍ତ୍ୱାବଧାନରେ ସହଦେବ ପ୍ରଥମେ ଘାସ ଉପାଡ଼ିବା କାମ କରିବାକୁ ଲାଗିଲା। ଆଉ ୧୯୪୦ ମସିହା ପହଞ୍ଚୁ ପହଞ୍ଚୁ ସେ ବାପାଙ୍କର ବ୍ୟକ୍ତିଗତ ମାଳୀ ପଦବିରେ ନିଜକୁ ଅଧିଷ୍ଠିତ କରି ସାରିଥିଲା। ଧୀରେ ଧୀରେ ଭଦ୍ର ହାବଭାବ, ଆଚାର ବ୍ୟବହାର ନିପୁଣ ଭାବରେ ଶିଖିବା ସହିତ ସୁଆଦିଆ ଖାଦ୍ୟ ବନେଇବାରେ ବି ସେ ଧୁରନ୍ଧର ପାଲଟିଗଲା ଆଉ ଖୁବ୍ ଶୀଘ୍ର ଆମ ରୋଷେଇ ଘର ସମ୍ଭାଳିବାରେ ଲାଗିଲା। ୧୯୬୯ ମସିହାରେ ତା'ର ଦେହାବସାନ ହେବା ପର୍ଯ୍ୟନ୍ତ ସେ ଆମ ପାରିବାରିକ ବବର୍ଚ୍ଚି ହୋଇ ରହିଥିଲା।

ସହଦେବର କୈଶୋରରୁ ବାର୍ଦ୍ଧକ୍ୟ ଆମରି ଘରେ କଟିଥିଲା। ତେଣୁ ଆମ ଘରୋଇ ଇତିହାସର ଏକ ବଡ଼ ଅଧ୍ୟାୟର ସାକ୍ଷୀ ଥିଲା ସିଏ। ତା' ମୁହଁର ଗଢ଼ଣ ନିଏଣ୍ଡରଥାଲ୍ ମଣିଷ ଭଳିଆ। ଅସ୍ୱାଭାବିକ ଭାବରେ ଉଚ୍ଚା କପାଳ। ଡେଙ୍ଗା ଅଥଚ ଚଉଡ଼ା ନାକ। ପାନଖିଆ ଦାନ୍ତରୁ ଗଳି ପଡ଼ିଛି କେଇଖଣ୍ଡ। ପତଳା ହେଲେ ବି ହୃଷ୍ଟପୁଷ୍ଟ ଶରୀର। ଆଣ୍ଠୁ ପର୍ଯ୍ୟନ୍ତ ଓହଳିଥିବା ଧୋତି ତଳକୁ ଧନୁ ଭଳିଆ ବଙ୍କା ନଳୀ ଗୋଡ଼ ଦି'ଟା। ଆଉ ନିରୀହ ଚହଟ ଆଖି। ସହଦେବର ଏ ଗଢ଼ଣ, ଠିକ୍ ତା' ଚରିତ୍ର ପରି ଅପ୍ରତିମ। ନାଚଗୀତ ପ୍ରତି ତା'ର ଏକ ଅଜବ ରକମର ସଉକ। ଆଉ ବୋଧହୁଏ ତା' ଚାଲିବା ଶୈଳୀ ବି ସେଇଥିପାଇଁ ନାଚବାଲା ଭଳିଆ। ତାକୁ ନାଚ ଦେଖେଇବାକୁ ଖାଲି କହିବା ପାଇଁ ଡେରି। ପ୍ରସନ୍ନଚିତ୍ତରେ, ହାତ ଗୋଡ଼ ଛିଞ୍ଚାଡ଼ି ଏମିତି ଉନ୍ମୁକ୍ତ ବାଗରେ ନାଚିବ, ସତେ ଯେମିତି ପଲ କ୍ଲୀଙ୍କର ଅମୂର୍ତ୍ତ ଚିତ୍ରର ପ୍ରତିମାଟିଏ ଜୀବନ୍ୟାସ ପାଇଛି। ଶ୍ୟାମଳ, ଫୁଙ୍ଗୁଳା ଦେହ। କାନରେ ଖୋସିଥିବ ପେଣ୍ଡାଏ ମଲ୍ଲୀ। ଲମ୍ବା ପତଳା କେଶରେ ଗଣ୍ଠିଟିଏ ପଡ଼ିଥିବ। ସଫେଦ ଧୋତିର କାନିଟାକୁ ଗୋଟେ ହାତରେ ସାଉଁଟି, ଆର ହାତ ଖଣ୍ଡକ ମୁଣ୍ଡ ଉପରେ ଥୋଇ, ଗୋଟେ ଗୋଡ଼ ଭାଙ୍ଗି, ପାଦଟିକୁ ଛିଡ଼ା ହୋଇଥିବା ଗୋଡ଼ର ଆଣ୍ଠୁରେ ଲଗେଇ, ଘିରିଘିରି ବୁଲି ଏମିତି ଢଙ୍ଗରେ ନାଚିବ ଯେ ଦେଖିବା ଲୋକ ହସି ହସି ବେଦମ ହୋଇଯିବେ।

ତା' ନିରୀହପଣିଆରେ ଲୋକଙ୍କୁ ଆପଣେଇ ନେବାର ଗୋଟେ ପ୍ରକାର ନିରୋଳା ଆତ୍ମୀୟତା ଥିଲା। ଅଳସୁଆମି କ'ଣ ତାକୁ ଅଜଣା। ସବୁବେଳେ କର୍ମଚଞ୍ଚଳ। ବକବକ ହେବା ତା'ର ସ୍ୱଭାବ ଥିଲା। ତେଣୁ ଯେତେବେଳେ ଘରେ କିଛି କାମ ନ ଥାଏ, ସେ ମନକୁ ମନ ଆସି ମୋ ପାଖରେ ହାଜର ହେଇଯିବ ଆଉ ଦେହ ହାତ ମାଲିସ କରିବା ସହିତ ଏଣୁ ତେଣୁ ମନଖୋଲା ଗପ ଶୁଣେଇବାରେ ବ୍ରତୀ ହେବ।

"ତୁମ ବୟସ କେତେ ହେବ ସହଦେବ?" ମୁଁ ପଚାରିବି।

‘‘ସେକଥା ମୋତେ ଜଣା ନାହିଁ ଦାଦାବାବୁ। ହେଲେ ମୁଁ ପ୍ରଥମେ ଯେବେ ତୁମ ଘରକୁ ଆଇଲି, ମୁଁ ତମଠୁଁ ଢେର୍ ଛୋଟ ଥିଲି।’’

‘‘ଧେତ, ତୁମେ ଜାଣିକି ତୁମ ବୟସ ଲୁଚଉଛ। ଏମିତି କେହି ଲୋକ ନାହିଁ ଯିଏ ନିଜ ବୟସ ଜାଣି ନଥିବ।’’

‘‘ମଲା ମୁଁ କାହିଁକି ମିଛ କହିବି? ମୁଁ ଯେବେ ଏ ଘରେ ଆଇଲି, ତମ ବାପା କଲେଜ ଯାଉଥିଲେ। ତା’ପରେ ତାଙ୍କର ବୋହୂମା ସାଙ୍ଗରେ ବାହାଘର ହେଲା ଆଉ ତମେ ଦୁନିଆଁକୁ ଆଇଲ। ଆଉ ତମ ସମସ୍ତଙ୍କ ଯତ୍ନ ନେବାରୁ ମୁଁ କେତେବେଳେ ଫୁରୁସତ ପାଇଥାନ୍ତି ଅଲଗା କିଛି କଥା ମୁଣ୍ଡରେ ପୂରେଇବାକୁ?’’ ଏତିକି କହି ସହଦେବ ଅଡୁଆ, ଅସହଜ ହେଇ ହସିବ।

ବେଶି ଜିଦ୍ କଲେ ବ୍ୟବହାରିକ ଢଙ୍ଗରେ କହିବ, ‘‘ହେଇଟି, ନିହାତି ବାଧ୍ୟ କରୁଛ ଯେତେବେଳେ ଶୁଣ, ମୋ ବୟସ କୋଡ଼ିଏ କି ପଚାଶ ହେବ ବୋଧେ।’’

‘‘କିନ୍ତୁ ତୁମେ ତ ସେଇ ଜବାବ ମୁଁ କଲେଜରେ ଥିଲାବେଳେ ବି ଦେଇଥିଲ!’’

‘‘ବୁଝିଲ ଦାଦାବାବୁ, ମୁଁ ଭଦ୍ରଲୋକଟି, ମିଛ କେମିତି କହନ୍ତି ଯେ? ତମେ ଯେବେ ବି ଗୋଟିଏ ପ୍ରଶ୍ନ କରିବ, ତା’ର ଜବାବ ବି ସେଇ ଗୋଟିଏ ଏକା ପାଇବ।’’ ସେତିକି କହି ଛୁମନ୍ତର ହେଇଯିବ ସହଦେବ।

ଭାରି ସରଳ ଆଉ ନିଷ୍କପଟ ମଣିଷ ଥିଲା ସେ। ତା’ ପୁଅ କଲେଜରୁ ସ୍ନାତକ ପାସ୍ କଲା ୧୯୬୬ ମସିହାରେ। ଚାହିଁଲେ ଯାଇ ତା’ ସାଙ୍ଗରେ ରହିପାରିଥାନ୍ତା ସହଦେବ। କିନ୍ତୁ ଆମ ପରିବାର ପ୍ରତି ନିଗୂଢ଼ ଆନୁଗତ୍ୟ ତାକୁ ଆମରଣ ବାନ୍ଧି ରଖିଲା ଆମ ସହିତ।

ସୁପର କୁକ୍ ସହଦେବ ତା’ ଜାପାନୀ ବୋଉମା ସାଙ୍ଗରେ କଥା ହେବାକୁ ଭାରି ଭଲପାଉଥିଲା। ବଡ଼ ନାଲି ଧଡ଼ିର ଧୋବଫରଫର ଶାଢ଼ି ଆଉ କଦଳୀ ପତରିଆ ରଙ୍ଗର ବ୍ଲାଉଜ ପିନ୍ଧି, କପାଳରେ ବିନ୍ଦୁଏ ଚହଟ ନାଲି ସିନ୍ଦୂର ଲଗେଇ ଇକୋ ଯେତେବେଳେ ତା’ ପ୍ରସାଧନ କକ୍ଷରୁ ବାହାରିବ, ସହଦେବ ବଡ଼ ଆଁଟେ କରି ଭେଳିକି ହେଇ ତାକୁ ଘଡ଼ିଏ ଦେଖି କହିବ, ‘‘ଦେଖୁନ, କେଡ଼େ ସୁନ୍ଦର ଆମ ବୋଉମା!’’

‘‘ଦାଦାବାବୁ, ସାତଦରିଆ ପାରି ଜାପାନରେ ତମକୁ କେମିତି ମା ଲକ୍ଷ୍ମୀ ମିଳିଗଲେ ମ?’’ ସେ ପଚାରିବ। ‘‘ତମେ ଭାରି ଭାଗ୍ୟବାନ ଦାଦାବାବୁ। ମୁଁ ତ ଭାବୁଥିଲି ହିନ୍ଦୁ ଝିଅ ଆମ ଭାରତରେ ହିଁ ମିଳନ୍ତି ବୋଲି। ଅଥଚ ତମେ କେଦାରପୁରରୁ ପାଣି ଜାହାଜରେ ବସି, ସାତ ସମୁଦ୍ର ତେର ନଈ ପାରି ହୋଇ ସୁଦୂର ଜାପାନ ପହଞ୍ଚି, ସେଠୁ ମୋ ଲକ୍ଷ୍ମୀ ବୋଉମାକୁ ଖୋଜି ଘେନି ଆସିଲ। ସିଏ ଖାଲି ଆମ ଭୋଜନ ଯେ ଖାଆନ୍ତି ସେଇଆ ନୁହଁ, ବରଂ ଆମ ଏଠିକା ସ୍ତ୍ରୀ ଲୋକଙ୍କ ପରି ଶାଢ଼ି ବି ପିନ୍ଧନ୍ତି, ଭାତ-ଡାଲି-ତିଅଣ ରୋଷେଇ କରନ୍ତି ଆଉ ମୋ ଆଡୁସ୍ୟାଡୁ କଥା ବି ବିନା ଅଭିଯୋଗରେ ମନଦେଇ ଶୁଣନ୍ତି। ମୁଁ ପୂରା ନିଶ୍ଚିତ ଯେ ଆମ ଦେଶଠୁଁ ବଳି ବିଦେଶରେ ସୁନ୍ଦର ଦେବୀ ଦେବତା ଅଛନ୍ତି।’’

ସହଦେବର ହୃଦୟଟା ମୋ ନିଜର କେହି ଭଉଣୀମାନଙ୍କଠୁଁ ବେଶୀ ଉଦାର ଥିଲା।

ଶୀତଦିନେ ଜାପାନରେ ପ୍ରବଳ ଥଣ୍ଡା ହୁଏ, ବହୁ ଜାଗାରେ ତୁଷାରପାତ ହୁଏ। ତେଣୁ ସେଠି ଲୋକମାନେ ସେ ସମୟରେ ନିଜ ଶରୀରକୁ ଉଷୁମ ରଖିବା ପାଇଁ ଚାହାରେ ବୁନ୍ଦାଏ ହ୍ୱିସ୍କି କିମ୍ବା କନିଆକ ପକେଇ ପିଅନ୍ତି। ଆମ କଲିକତା ଘରେ ସବୁବେଳେ ଅତିଥିମାନଙ୍କର ଗହଳ ଚହଳ ଲାଗି ରହିଥାଏ। ତେଣୁ ଭାରତକୁ ଆସିଲେ, ସେମାନଙ୍କୁ ଆପ୍ୟାୟିତ କରିବା ଦାୟିତ୍ୱ ବେଳେବେଳେ ଇକୋ ଉପରେ ପଡ଼େ। ଖାସ୍‌କରି ବିଦେଶ ଫେରନ୍ତା ସମ୍ପର୍କୀୟଙ୍କୁ। ତେଣୁ ଶୀତଦିନ ଗୁଡ଼ିକରେ ଚାହା ପରଷିଲା ବେଳକୁ ଇକୋ ତହିଁରେ ଟୋପାଏ କି ଦି’ ଟୋପା ବ୍ରାଣ୍ଡି ପକେଇ ଦିଏ। ସେଇଟାକୁ ସେମାନେ ଭାରି ପସନ୍ଦ କରିଥାନ୍ତି। ଧୀରେ ଧୀରେ ମୋ ବାପା ବି ସେମିତିକା ଚାହା ପିଇବା ଅଭ୍ୟାସରେ ପଡ଼ିଗଲେ।

ମୋ ଭଉଣୀମାନଙ୍କ ଭିତରୁ ଜଣକର ନିଜ ଉଚ୍ଚ ଜାତିକୁ ନେଇ ଅହଂକାର କରିବାରେ ସଂକୋଚବୋଧ ବିଲକୁଲ ନଥିଲା। ଏକ ଗୁଣୀ ଏବଂ ସଂଭ୍ରାନ୍ତ ବ୍ରାହ୍ମଣ ପରିବାରରୁ ଆସୁଥିବା ନେଇ ନିଜକୁ ସେ ସ୍ୱତନ୍ତ୍ର ବୋଲି ଇକୋ ସାମ୍ନାରେ ଅଭିହିତ କରେଇବାର କୌଣସି ମଉକା ହାତଛଡ଼ା କରେ ନାହିଁ। କିନ୍ତୁ ଇକୋ ଯଦି ତାକୁ ବିନମ୍ର ହୋଇ କେବେ କହେ କି ସିଏ ବର୍ତ୍ତମାନ ଗୋଟିଏ ହିନ୍ଦୁ ପରିବାରର ବୋହୂ, ତେଣୁ ମୋ ଭଉଣୀ ଜଣକ ତାକୁ ବି ସମାନ ପାରମ୍ପରିକ ଢଙ୍ଗରେ ଅଭିନନ୍ଦନ କରିପାରିବ, ତେବେ ମୋ ଭଉଣୀ ରୁଖାପଣ ଦେଖେଇ କହିବ, ‘‘ତମେ ଗୋଟିଏ ବିଦେଶିନୀ। ଆମ ବ୍ରାହ୍ମଣ କୁଳ ସଂସ୍କାର ଯେତେ ଚେଷ୍ଟା କଲେ ବି ତମେ ଶିଖିପାରିବ ନାହିଁ। ତେଣୁ ମୋ’ଠୁଁ ତମେ ଭାରତୀୟ ବୋହୂ ଭଳି ସମ୍ମାନ ଆଶା କରିବା ବି ଅବାଞ୍ଛନୀୟ।’’ ମୁଁ ମୋ ଭଉଣୀର ଏମିତି ଢଙ୍ଗରଙ୍ଗ ଦେଖି ବେଳେ ବେଳେ ଭାବେ ଶିକ୍ଷିତ ହୋଇ ବି ସେ ଶାଳୀନତା ଶିଖିପାରିଲା ନାହିଁ, ଅଥଚ ଅପାଠୁଆ ହୋଇ ବି ସହଦେବର ଆଚରଣ କେତେ ସଂସ୍କୃତ! ବାସ୍ତବରେ ଶିକ୍ଷା ଆଉ ସଂସ୍କାରର କୌଣସି ସମ୍ପର୍କ ନାହିଁ।

ମୁଁ ସହଦେବ ସହିତ ସବୁବେଳେ ନରମ ସ୍ୱରରେ କଥାବାର୍ତ୍ତା କରେ। ଥରଟେ ମୋ ମୁଡ୍ ଠିକ୍ ନ ଥିବା ବେଳେ କୌଣସି କାରଣରୁ ଉଚ୍ଚ ଓ ଟିକିଏ ବିରକ୍ତି ସ୍ୱରରେ ତାକୁ ସହସା ମୋ ରୁମ୍ ଛାଡ଼ି ପଳେଇବାକୁ କହିଥିଲି। ମୋ ଉଗ୍ର ରୂପ ସେ କେବେ ଦେଖି ନ ଥିଲା। ତେଣୁ ବଲବଲ କରି ମୋତେ ଘଡ଼ିଏ ଅନେଇଲା, ଯେମିତିକି ମୋତେ ଭୂତ ଗ୍ରାସିଛି କି କ’ଣ! ତା’ପରେ ପିଠି ସିଧାକରି ମୋତେ ଶକ୍ତ ଚାହାଣିଟିଏ ଦେଇ ଗମ୍ଭୀର ହୋଇ କହିଲା, ‘‘ହେଇଟି ଦାଦାବାବୁ, ମୋ ସାଙ୍ଗରେ କେବେ ଆଉଥରେ ଏମିତି ଚଢ଼ାଗଳାରେ କଥାବାର୍ତ୍ତା କରିବନି କହିଦେଉଛି। ତମ ବାବା - ମାନେ ମୋ ବାବୁ - କେବେ ମୋତେ ନାଲିଆଖି ଦେଖେଇ ନାହାନ୍ତି କି ମୋ ଉପରେ ଚିଲ୍ଲେଇ ନାହାନ୍ତି। ମୁଁ ଯଦି ତମକୁ ସେମିତି ବଡ଼ ମୁହଁରେ ପାଲଟା ଜବାବ ଦିଏ, ତା’ହେଲେ ତମକୁ କେମିତି ଲାଗିବ କହିଲ? ମୋ ବାବୁ ଛୁଆଟେ ହେଇଥିବା ସମୟରୁ ମୁଁ ଏ ଘରେ ରହି ଆସୁଛି। ସବୁବେଳେ ଭାବିଛି ଏ ଘରେ ବାକି ପରିବାର ଲୋକଙ୍କର ଯେତିକି ହକ୍ ମୋର ବି ସେମିତି ହକ୍ ଅଛି। ତମ ସମସ୍ତଙ୍କୁଠୁଁ ମୁଁ ନିଜକୁ କେବେ ଅଲଗା ଭାବିନି। ଅଥଚ ଆଜି ଏ ବୁଢ଼ାଟା ଉପରେ ଚିଲ୍ଲେଇ ତମେ ତମର ମାଲିକାନା ସାବ୍ୟସ୍ତ କରିଦେଲ, ଦାଦାବାବୁ। ମୋତେ ଚେତେଇ ଦେଲ ଯେ ମୁଁ ଏ ଘରର ଜଣେ ଚାକର ମାତ୍ର।’’ ଶେଷ କେଇ ଧାଡ଼ି କହିଲାବେଳକୁ ତା’ ଗଳା କୋହସିକ୍ତ ହେଇ ଆସିଲାଣି। ଆଖି ବନ୍ଧ ଡେଇଁ ବୋହି ଆସୁଥିବା ଲୁହ ଗୁଡ଼ାକୁ ଧୋତି କାନିରେ ଜାକି ସହଦେବ ମୋ ରୁମ୍‌ରୁ ବାହାରି ପଳେଇଲା।

ମୁଁ ଢେର୍ ସମୟ ହତବାକ୍ ହୋଇ ମୋ ବେଡ୍‌ରେ ବସି ରହିଲି। ଆମ ପରିବାର ପ୍ରତି ସହଦେବର ଶ୍ରଦ୍ଧା, ନିଷ୍ଠା ଏବଂ ସେବା ଭାବରେ ଏକ ଦେବତୁଲ୍ୟ ପବିତ୍ରତା ଥିଲା, ଯୋଉଥିପାଇଁ ଆଜି ବି ଆମ ଜୀବନରେ ତା’ର ଅଭାବ ଆମେ ଖୁବ୍ ନିବିଡ଼ ଭାବରେ ଅନୁଭବ କରିଥାଉ। ସହଦେବ ଭଳି ଭଦ୍ରଲୋକ ଆଜିକାର ଦୁନିଆଁରେ ନିହାତି ବିରଳ।

[ଏ ଲେଖାଟି ଜାପାନକୁ କର୍ମଭୂମି ଭାବରେ ଆପଣେଇ ନେଇଥିବା ବିଶିଷ୍ଟ ଶିକ୍ଷାବିତ୍ ତଥା ୨୦୧୭ ମସିହାରେ ଭାରତ ସରକାରଙ୍କ ଦ୍ୱାରା ପ୍ରବାସୀ ଭାରତୀୟ ସମ୍ମାନରେ ଭୂଷିତ ସ୍ୱର୍ଗୀୟ ପ୍ରଫେସର ସନ୍ଦୀପ ଟେଗୋରଙ୍କ ଇଂରାଜୀ ବହି ‘Peopled Azimuth: Reminiscences and Reflections of an Indian in Japan’ର ଏକ ଛୋଟ ଅଂଶ।]



# ଆମ ଗାଁ

ଦୁର୍ଗେଶ ନନ୍ଦିନୀ ଦାଶ



ଆଲୋ ମାନି, ତୁ କେବେ ଏମିତି ଝୁ ଝୁ ବର୍ଷାରେ ଓଦା ହେଇଛୁ? ମୁଠା ମୁଠା କୁଆପଥର ରଡ଼ ରଡ଼ କରି ଚୋବାଇଛୁ? ବର୍ଷାଦିନର କଅଁଳ ଖରାରେ ମୋତିଝରା ଘାସର ଗାଲିଚା ତଳୁ ନାଲି ଟୁକୁଟୁକୁ ସାଧବ ବୋହୂ ପୋକ ସାଉଁଟିଛୁ? ଓଉ ଗଛରେ ଚଢ଼ି ଓଉ ପାରିଛୁ ନା କଇଁଆ ଗଛରୁ କଇଁଆ ପାରି ଖାଇଛୁ? ଦିପହର ସାରା ମୁଣ୍ଡଫଟା ଖରାରେ ଧଡ଼ିଆ ଅଜା ପୋଖରୀରେ ବନିଶୀ ପକେଇ ମାଛ ଚୋରି କରିଛୁ?

ଆରେ ନା, ନା, ନା.... ମୁଁ ଏସବୁ କିଛି କରିନି କି ଏସବୁ କିଛି ଜାଣିନି ଲୋ ନାନୀ, କିନ୍ତୁ ତୁ ଏମିତି ମୁଣ୍ଡକୁ ଗଣ୍ଡିଲି କରି ଯାଇପାରିବୁନି କୁଣିଆଁଙ୍କ ଆଗକୁ। ତୋ ଶାଶୂ, ଶଶୁର, ଭାଇନା ସବୁ କ'ଣ କହିବେ? ଗାଉଁଲି କୋଉଠିକାର..... ଖୋଲ ସେ ଖୋସାକୁ, ମୁଁ ତୋ ମୁଣ୍ଡ କୁଣ୍ଡେଇ ଦେବି, ଦେଖା।

ଭାଇନା ନା ଫାଇନା, ଦେଖଣା ଚାହାଣା ବି ହେଇନି, କହିଲା କ'ଣ ନା ଭାଇନା...ଆଆ..... ମୋ ମୁଣ୍ଡ ସେମିତି ଥାଉ, ମୁଁ ଗାଉଁଲି ହେଲେ ହେଲି। ଆମ ଗାଁରେ ଯୋଉ ମଜା, ତମ ସହରରେ କାଇଁ ଲୋ?? ଏ ଗାଉଁଲି ଝିଅକୁ ଯିଏ ବାହା ହବ ହଉ, ନ ହେଲେ ତା' ବାଟେ ବାଟେ ଯାଉ।

ହୁଁ, ଜମା ମନ ଥିବ କି ତୋର ବାହା ହବାକୁ, କେତେ ଫୁଲେଇ ହଉଛୁ ମ... ଫଟୋଟା ଦେଖି ଧାଇଁ ଆସିଲୁ ଯେ.... ନା ବଡ଼ବାପା, ବଡ଼ବୋଉ ଠେଲି ଠେଲି ପଠେଇଛନ୍ତି ମ.....

ହଉ ହେଲା, ତତେ କ'ଣ ମୁଁ ପାରିବି କିଲୋ, ମୁଁ ତୁନି ହେଇ ବସୁଛି, ତୁ ଯାହା କରୁଚୁ କର।

ଆଲୋ ସେତିକି ଥାଉ ଥାଉ... ଶାଢ଼ିଟା ଶୀଘ୍ର ଗୁଡ଼େଇ ଦେ... ଖୁଡ଼ୀ ଡାକ ପକେଇଲେଣି, ସେମାନେ ଆସିଗଲେଣି ନା କ'ଣ...

ମୋ ଗୋଡ଼ ହାତ ଥରୁଥାଏ, ତଣ୍ଟି ଶୁଖି ଶୁଖି ଯାଉଥାଏ, ଦାଦା କହିଲେ ଝିଅକୁ ଡାକ। ମୁଁ ତଳକୁ ମୁହଁ ପୋତି ପୋତି ଯାଉଥାଏ, ମୋ ପଛରେ ମାନି। ମୁଣ୍ଡିଆ ମାରିବି ନା ନମସ୍କାର କରିବି... ଏମିତି ଭାବୁ ଭାବୁ... ଝୁଣ୍ଟିପଡ଼ିଲି.... ଧେତ୍... ଇଏ ମତେ ଧରିପକେଇଲେ, ଲାଜରେ ମୁଁ ଆଉ ମୁହଁ ଟେକିପାରିଲିନି, ଗୋଟାପଣେ ଝାଳରେ ବୁଡ଼ିଗଲି। ମୁଣ୍ଡିଆ ମାରି ସମସ୍ତଙ୍କୁ ବସିଲି ତଳକୁ ମୁହଁପୋତି। ସେମାନେ କଥା ହଉଥାନ୍ତି ଦାଦା, ଖୁଡ଼ୀଙ୍କ ସାଙ୍ଗେ। ବାପା, ବୋଉଙ୍କ କଥା, ଆମ ଗାଁ କଥା, ଚାଷବାସ, ବିଲବାଡ଼ି ଏସବୁ। ଖୁଡ଼ୀ କହିଲେ କୁନି ଆମର ବଡ଼ ଝିଅ, ଗାଁରେ ବଢ଼ିଲେ କ'ଣ ହେବ, ଭଲ ପାଠ ପଢ଼ିଛି, ସିଲେଇ ଶିଖିଚି, ସବୁ ରୋଷେଇ ଜାଣିଚି, ଭାରି ଘରକରଣା ବୁଦ୍ଧି ତା'ର।

ହଠାତ୍ ଇଏ କହିଲେ, ମୁଁ ଟିକେ ଏକୁଟିଆ ତାଙ୍କ ସାଙ୍ଗେ କଥା ହେଇପାରିବି? ମୁଁ ଭାବିଲି କ'ଣ ଏକୁଟିଆ କଥା ହେବି... ଛାନିଆ ଲାଗିଲାଣି ମତେ.... ଖୁଡ଼ୀ କହିଲେ ହଉ ଯାଅ, ଦୁହେଁ ଦୁହିଁଙ୍କୁ ଜାଣିଲେ ସିନା କଥା ଆଗକୁ ବଢ଼ିବ...।

ମାନି ଆଗେ ଆଗେ, ମୁଁ ତା' ପଛରେ, ଆଉ ମୋ ପଛରେ ଇଏ। ମୁଁ ମାନିକୁ କେଞ୍ଚୁଥାଏ... ଏଇ, ତୁ ମୋ ସାଙ୍ଗେ ରହିବୁ, ମୁଁ ସତରେ ଗାଉଁଲିଟେ ଲୋ... କ'ଣ ଭୁଲ୍‌ଭାଲ୍ କଥା କହିଦେବି ଯଦି... ସେ ବଦମାସ, କିନ୍ତୁ ଆମକୁ ଗୋଟେ ଘରେ ଛାଡ଼ି ଦାନ୍ତ ନେଫେଡ଼େଇ ପଳେଇଲା।

ପ୍ରାୟ ଦଶ ମିନିଟ୍ ନିରବତା ପରେ.... ଇଏ କହିଲେ.... କିଛି ପଚାରିବନି ମତେ? ମୁଁ ଥରଥର ଓଠରେ କହିଲି... ଆପଣ ତ ବହୁତ ପାଠ ପଢ଼ିଛନ୍ତି, ଏତେ ବଡ଼ ଚାକିରି କରିଛନ୍ତି, ମୁଁ ଆଉ କ'ଣ ପଚାରିବି?

ନା, ମାନେ ମତେ କ'ଣ ଭଲ ଲାଗେ? କ'ଣ ପସନ୍ଦ ନାପସନ୍ଦ?

ମୁଁ ମୁଣ୍ଡଟାକୁ ହଲେଇ ଦେଇ କହିଲି... ନା ନା, ଆପଣ ପଚାରନ୍ତୁ।

ସେ ତାଙ୍କ ପାଠପଢ଼ା, ସାଙ୍ଗସାଥୀ, ସାତବର୍ଷର ଚାକିରିରେ ତିନିଟା ସହର ବଦଳି, ଏସବୁ କହି ଚାଲିଥାନ୍ତି, ମୁଁ ମୁଣ୍ଡ ଟୁଙ୍ଗାରୁଥାଏ। ମୁଁ ଜାଣିଗଲିଣି ଏ ସହରୀ ବାବୁଙ୍କୁ ମୋ ଭଳି ଗାଉଁଲି ପସନ୍ଦ ହବନାହିଁ, କାହିଁ କ'ଣ କହିବି, ଚୁପ୍ ରହିବା ହିଁ ଭଲ। କେତେ ମନା କରିଛି ବାପା ବୋଉଙ୍କୁ, ସେମାନେ ବଡ଼ ଲୋକ, ଆଉ ମୁଁ, ସହରରେ ଚଳିପାରିବି କି ନାହିଁ... ଏକ ଜିଦ୍.... ତୁ ଯା.. ଦେଖାଚାହାଁ ହଉ.. ତା'ପରେ ବୁଝିବାନି।

ଆଉ ଖୁଡ଼ୀ କହିଲେ ଭଲ ରୋଷେଇ ଜାଣିଛ ବୋଲି.... କ'ଣ ସବୁ ଜାଣିଛ?

ମୁଁ କହିଲି... ନାଇଁ ସେମିତି କିଛି ଖାସ୍ ନାହିଁ, ବୋଉଠୁ ଯାହା ଯେମିତି ଶିଖିଛି। ତା'ପରେ ଆମ ଗାଉଁଲି ରୋଷେଇ କ'ଣ ଆପଣଙ୍କୁ ଭଲ

ଲାଗିବ ? ସେ ହସିଲେ.... ଆରେ ସେମିତି କାହିଁ କହୁଛ... ଚୂନା ମାଛଭଜା, ଓଉ ଖଟା, ବଡ଼ି ଆମ୍ବୁଲ ରାଇ.. ମୁଁ ଖାଇଛି ଯେ.. ମତେ ବେଶ୍ ପସନ୍ଦ। ଆରେ ଆପଣ ଏସବୁ କେମିତି ଜାଣିଲେ ? ମୁଁ କ'ଣ ଗାଁ ଦେଖିନି ନା କ'ଣ ? ମୋ ପିଲାବେଳେ, ଜେଜେମା ଥିଲାବେଳେ ଆମେ ପ୍ରତିବର୍ଷ ଗାଁକୁ ଯାଉ, ମତେ ଖୁବ୍ ଭଲ ଲାଗେ। ଗାଁ ପିଲାଙ୍କ ସହିତ କବାଡ଼ି ଖେଳ, ନଈପଠାରେ ବୋହୂଚୋରି ଖେଳ, ଆମ ନିଜ ଆମ୍ବ ତୋଟାରୁ ଆମ୍ବ ଚୋରି କରିବା.... ମୁଁ ହସି ପକେଇଲି... ଆରେ ବାଃ, ଆପଣଙ୍କୁ ଗାଁ ଏତେ ଭଲ ଲାଗେ ଶୁଣି ଖୁବ୍ ଖୁସି ଲାଗିଲା। ମୁଁ ସେତେବେଳକୁ ଟିକେ ହାଲୁକା ଅନୁଭବ କରୁଥାଏ।

ମୁଁ ମୋ କଥା ଆରମ୍ଭ କଲି.... ଆପଣଙ୍କ ସହର କଥା ତ ମୁଁ ଜାଣିନି... କିନ୍ତୁ ମୋ ଗାଁକୁ ମୁଁ ଖୁବ୍ ପାଖରୁ, ଖୁବ୍ ନିବିଡ଼ ଭାବରେ ଦେଖିଚି, ଜାଣିଚି। ଆପଣ ସ୍ୱଳ୍ପ ସମୟର ରହଣି ଭିତରେ ଯେତିକି ଗାଁ ଦେଖିଛନ୍ତି, ସେତିକି ହୁଏତ ଗାଁର ପ୍ରକୃତ ଛବି ନ ହୋଇପାରେ। ମୁଁ ଗାଁ ମାଟିରେ ଜନ୍ମ, ତା' ଛାତିରେ ଖେଳିକୁଦି ବଡ଼ ହେଇଚି। ପାଠ ପଢ଼ିଛି। ଗାଁରୁ ସ୍କୁଲ୍ ତିନି ମାଇଲ, କଚ୍ଚା ରାସ୍ତାରେ ଯିବାକୁ ହୁଏ, ପୁଣି ବର୍ଷାଦିନେ କାଦୁଅ ରାସ୍ତାରେ ଯାଉ ଯାଉ ଗୋଡ଼ ଖସିଗଲେ ପୁଣି ଘରକୁ ଫେରିବାକୁ ହୁଏ। ସ୍କୁଲ୍ ବନ୍ଦ ହେଲେ ସାର୍‌ଙ୍କର ଗାଳି... ଦଶମ ଶ୍ରେଣୀରେ ଆମ ଗାଁ ଓ ପାଖ ଗାଁ ମିଶି ୩୪ ଜଣ ପାସ୍ କଲେ ଓ ଆମେ ୬ ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେଲୁ। ତା'ପରେ କଲେଜ ପାଠପଢ଼ା। ସେଇଠି ସରିନି ଅଭିଯାନ... କଲେଜ ଆହୁରି ଦୂର, ନଈ ପାର ହୋଇ ଯିବାକୁ ହୁଏ। ନାଉରିଆ ଆର କୂଳରେ ଥିଲେ ଅପେକ୍ଷା କରିବାକୁ ହୁଏ... ନଈ ବଢ଼ିଲେ ପାଠପଢ଼ା ବନ୍ଦ।

ପାଞ୍ଚ ବର୍ଷ ଖୁବ୍ କଷ୍ଟରେ ପାଠ ପଢ଼ିଛି। ବାପାଙ୍କର ଇଚ୍ଛା ମୁଁ ଶିକ୍ଷୟିତ୍ରୀ ହୁଏ, କିନ୍ତୁ ଆଉ କୋଉଠି ପାଠ ପଢ଼ିବାକୁ ହେଲେ ସହର ଯାଇ ରହିବାକୁ ହବ, ଯେଉଁ ଗାଁ ମାଟିରେ ବଢ଼ିଛି, ତା'ର ଟିକେ ସେବା କରେ ଭାବି ଘର ଘର ବୁଲି ସବୁ ଗାଁ ପିଲାଙ୍କୁ ପାଠ ପଢ଼ାଉଛି। ଖୁଡ଼ୀ କହିଲା ଭଳି ମତେ ପ୍ରକୃତରେ ରୋଷେଇବାସ କିଛି ଆସେନି କି ଘରକରଣା ଆସେନି, ହଁ ସିଲେଇ ଜାଣିଚି ଟିକେ। ମୁନା ବୋଉକୁ ସାହାଯ୍ୟ କରୁ କରୁ ତାଙ୍କଠୁ ହିଁ ଶିଖିଛି। ମୁନା ୪ର୍ଥ ଶ୍ରେଣୀରେ ପଢ଼େ, ବିଲ କାମ କଲାବେଳେ ସାପ କାମୁଡ଼ାରେ ତା' ବାପା ଚାଲିଗଲେ, ନୂଆବୋଉ ଭାଙ୍ଗିପଡ଼ିଲେ, ଛୁଆଟାକୁ କେମିତି ପୋଷିବେ, ପାଠ ଦି' ଅକ୍ଷର ପଢ଼େଇବେ... ପାଠପଢ଼ା ଦାୟିତ୍ୱ ମୁଁ ନେଲି, କିନ୍ତୁ ପେଟ ପୋଷିବେ କେମିତି ? ନୂଆବୋଉ ଅଣ୍ଟା ଭିଡ଼ି ବାହାରକୁ ବାହାରିଲେ, ଘର ଘର ବୁଲି ସିଲେଇ କରିବା ପାଇଁ କାହାର ଶାଢ଼ି, ସାୟା ସବୁ ଆଣିଲେ। ଖୁବ୍ କଷ୍ଟରେ ରାତି ଅନିଦ୍ରା ହେଇ ଦି' ପଇସା ରୋଜଗାର କରି ଘର ଚଳେଇଲେ। ମୋ ବୋଉ କେତେଥର ତାଙ୍କୁ ଚାଉଳ, ନଡ଼ିଆ ସବୁ ଦେଇଛି। ମୁଁ ତାଙ୍କୁ ସାହାଯ୍ୟ କରୁ କରୁ ସିଲେଇ ତାଙ୍କଠୁ ଶିଖିଗଲି। ମୁନା ବି ସ୍କୁଲ୍ ଯାଉ ନ ଥିଲା, ମୁଁ ଯାହା ଘରେ ପଢ଼ାଏ, ଏଥର ସିଧାସଳଖ ୪ର୍ଥ ଶ୍ରେଣୀରେ ନାଁ ଲେଖାହେଲା। ନୂଆବୋଉ ମୁହଁରେ ଟିକେ ହସ ଫୁଟିଲା, କହିଲେ କୁନି, ଖାଲି ତମରି ପାଇଁ ସିନା, ମୁଁ ଏକୁଟିଆ ମାଇପୀ ଲୋକ, କ'ଣ ବା କରିପାରିଥାନ୍ତି... ସେଇ କଥା ପଦକ ଆଉ ହସ ହସ ମୁହଁ ଦେଖିଲେ ମୋ ମନ କୁଣ୍ଢେମୋଟ ହେଇଯାଏ। ଏମିତି କେତେ କଥା ଆଉ କେତେ ମୋ ଗାଁର ପିଲାମାନେ। ସମସ୍ତଙ୍କୁ ବୁଲି ବୁଲି ପାଠ ପଢ଼ାଏ, ସମୟ ପାଇଲେ ନିଜେ ବହିପତ୍ର ସବୁ ପଢ଼େ। ପିଲାମାନେ ଭଲ ମଣିଷ ହେଲେ ଆମ ଗାଁ ସିନା ହସିବ।

କାହା ଘରେ ଚୁଲି ନ ଜଳିଲେ, ସିଏ କ'ଣ ଉପାସ ରହିବ... ଗାଁସାରା ଲୋକ ଧାଇଁ ଆସିବେ ଖାଇବାକୁ ଡାକିବାକୁ। କାହା ଘରେ ନିଆଁ ଲାଗିଲେ, କୋଉ ଦମକଳ ବାହିନୀ ଆସିବେନି... ଗାଁ ଲୋକେ ଏକାଠି ହେଇଯିବେ ପ୍ରାଣପଣେ ସାହାଯ୍ୟ ପାଇଁ।

ଆପଣଙ୍କ ସହରରେ କେତେ ରଜଦୋଳି ଲାଗୁଚି ? ଏଠି ପିଲାମାନେ ଦୋଳି କ'ଣ ଜାଣି ବି ନ ଥିବେ... ବାଉଁଶ ଦୋଳି, ପଟା ଦୋଳି...। ଆମ ଗାଁର ପୁନିଅଁ, ପରବ, ପିଠାପଣା କେତେ କ'ଣ.... ସନ୍ଧ୍ୟାବେଳେ କୋଠ ଠାକୁର ଘରେ ଭାଗବତ ପଢ଼ା ଦାୟିତ୍ୱଟା ବି ମୋର। ମୋ ଗାଁର ଆକର୍ଷଣୀୟ ନବବଧୂ ବେଶ ମୁଁ ଖୁବ୍ ସୁନ୍ଦର ଭାବେ ଅନୁଭବ କରିଛି, ଆଉ ତା'ର ଜରାଜୀର୍ଣ୍ଣ ଫୁଙ୍ଗୁଳା ବାସ୍ତବିକତା ମଧ୍ୟ ମୁଁ ଅଙ୍ଗେ ନିଭେଇଛି। ଚଢ଼େଇମାନଙ୍କର କିଚିରିମିଚିରି, ନାନା ରଙ୍ଗର ଫୁଲର ମହୁଆଲା ବାସ୍ନା, ଭିଜା ମାଟିର ମହକ ଏମିତି ଯେ... ଇଚ୍ଛା ହବ ମୁଠାଏ ଖାଇଯିବାକୁ...ଆକାଶଟା ଚିକ୍ ଚିକ୍ କରୁଥିବ କୋଟିଏ ତାରାରେ...।



ମୁଁ ଭାବେ ଆମ ଗାଁ ପରି ଆଉ ଅସଂଖ୍ୟ ଗାଁ, ସବୁ ଗାଁକୁ ମୁଁ କ'ଣ ଯାଇପାରିବି ? ମୋ ଭଳି "କୁନି" ମାନେ ଥାନ୍ତେ କି ସେ ଗାଁରେ ସବୁ....

ଏଇ ସହରଟା ଚାରିଆଡ଼େ ଆବର୍ଜନା, ନାଲି ଆକାଶ, ଧୂଳିଧୂସରିତ ରାସ୍ତାକଡ଼, ଭଣଭଣ ଗନ୍ଧ, କାଁ ଭାଁ ସବୁଜିମା। ସମୟ କାହା ପାଖରେ ନାହିଁ କାହା କଥା ଶୁଣିବାକୁ, ବୁଝିବାକୁ, ସମସ୍ତେ ଧାଉଁଛନ୍ତି, କିନ୍ତୁ କୁଆଡ଼େ କାହାକୁ ସଠିକ୍ ଜଣା ନାହିଁ। କାହା ଆଖିରେ ସେ ଚମକ ନାହିଁ, କଣ୍ଠ ସ୍ୱରରେ ଆତ୍ମୀୟତା ନାହିଁ... ଅପ୍ରାକୃତିକ, ପ୍ଲାଷ୍ଟିକ୍ ମଣିଷ ସବୁ... ସତେ ଯେମିତି ସବୁ ମଣିଷଙ୍କ ଭିତରେ ଲମ୍ବା ଲମ୍ବା ଅସରନ୍ତି କାନ୍ଥ ସବୁ ଠିଆ ହେଇଚି। ଖୁବ୍ ଅଣନିଃଶ୍ୱାସୀ ଲାଗେ ଭିତରେ....।

ଏ ମ । ନ ଙ୍କ

ଆରେ କ'ଣ ହେଲା... କିଛି ନ କହି ଇଏ ଉଠି ଚାଲିଗଲେ... ଧେତ୍.. କିଛି ଭୁଲ୍ କହିଦେଲି ବୋଧେ.... କୁନି ଆସି ପାଟି କଲା... ନାନୀ ତୁ କାହିଁ ଏମିତି କହିଲୁ... ଭାଇନାଙ୍କୁ ଖରାପ ଲାଗିଲା ବୋଧେ... ଯା... କ'ଣ ହବ ଯେ ଏବେ.... ସବୁ ମଣିଷ କ'ଣ ସେମିତି.... ତୁ ବି ନା...।

କିଛି ସମୟ ପରେ ପୁଣି ସେ ଫେରି ଆସିଲେ, କହିଲେ ପ୍ରସ୍ତୁତ ହୁଅ ତୁମ ଗାଁ ପରି ଆହୁରି କେତେ ଗାଁକୁ ପହଞ୍ଚିବାକୁ, ଆହୁରି କେତେ ପିଲାଙ୍କୁ ପାଠ ପଢ଼ାଇ ତୁମ ପରି ଗଢ଼ିବାକୁ, କିନ୍ତୁ ଖୁବ୍ ପରିଶ୍ରମ କରିବାକୁ ହବ, ଭୟ ନାହିଁ, ମୁଁ ଅଛି ତୁମ ସାଥିରେ, ଆଉ ତୁମ ଗାଁ କଥା ଚିନ୍ତା କର ନାହିଁ.... ତୁମ ପରି ଆହୁରି କେତେ "କୁନି"ଙ୍କୁ ତୁମେ ଗଢ଼ି ସାରିଛ ଯେ।

ମୁଁ ଖୁସିରେ ଆତ୍ମହରା ହୋଇ ମୋ ମନକଥାକୁ ବୁଝିପାରିଥିବାରୁ ତାଙ୍କୁ ମନେ ମନେ କୃତଜ୍ଞତା ଜଣାଇଲି।

**(ଜୀବନର ସଂଜ୍ଞା ଖୋଜୁଥିବା ମଣିଷଟିଏ)**

**ବାଙ୍ଗାଲୋର**



# ଗୁରୁ କୃପା ହିଁ କେବଳମ୍

ସୂର୍ଯ୍ୟ ନାରାୟଣ ପାତ୍ର



ଡକ୍ଟର ସର୍ବପଲ୍ଲୀ ରାଧାକୃଷ୍ଣଙ୍କର ଚଳିତ ବର୍ଷ ସେପ୍ଟେମ୍ବର ୦୫ ତାରିଖରେ ୧୩୪ ତମ ପବିତ୍ର ଜନ୍ମଉତ୍ସବ ଭାରତର ସର୍ବତ୍ର ପାଳନ କରାଗଲା। ଆମ୍ଭେ ଜାଣୁ ବହୁ ପ୍ରାଚୀନ କାଳରୁ ଗୁରୁ ପୂଜନ ଉତ୍ସବ ପାଳନ କରାଯାଉଛି। ପ୍ରତ୍ୟେକ ବର୍ଷ ଆଷାଢ଼ ପୂର୍ଣ୍ଣିମାକୁ 'ଗୁରୁ ପୂର୍ଣ୍ଣିମା' ରୂପେ ଗ୍ରହଣ କରାଯାଏ। ପ୍ରତ୍ୟେକ ତିଥିରେ ମହର୍ଷି ବ୍ୟାସଦେବଙ୍କ ଜନ୍ମ। ସେ ବ୍ରହ୍ମା ଲେଖିଥିବା ଋକ୍, ସାମ୍, ଯର୍ଜୁ, ଅଥର୍ବ ବେଦକୁ ଚାରି ଭାଗ କରିଥିଲେ। ବୃତ୍ତର ବ୍ୟାସ ଯେପରି ତାହାକୁ ଦୁଇ ଭାଗ କରେ, ସେହିପରି ବ୍ୟାସ ବେଦକୁ ଭାଗ କରିଥିବା ହେତୁ ତାଙ୍କର ନାମକରଣ ବେଦବ୍ୟାସ ରଖାଯାଇଛି। ଶିକ୍ଷାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ପ୍ରତିପାଦନ କରିବାକୁ ଯାଇ ସର୍ବପଲ୍ଲୀ ରାଧାକୃଷ୍ଣନ କହିଲେ,

"The aim of education is neither national efficiency nor world solidarity but making the invidual feel that he has within himself something deeper than intellect, call it spirit of you like".

The present ills of the world the political tensions economic stress and fear phobias are due to the fact that the world at large has begun to worship material value more than spiritual values. It contentment, peace and the policy of "Live and let live" and Love the neighbour have to be restored. Education must inspire in the children the spiritual values. There can be true education without strong emphasis on the fundamental importance of its spiritual basis. Therefore, children must be taught the fundamental truths. They will generate happiness, order, spiritualism. Rishis and Reforms like Budha, Shankar, Lord Krishan, Ramanuj, Nanak, Rayanand, Vivekanand, Gandhi, Tagore and Nigamananda etc and others.

ଶ୍ରୀ ଶ୍ରୀ ନିଗମାନନ୍ଦ ପରମହଂସ ଦେବଙ୍କ ପ୍ରବର୍ତ୍ତିତ 'ଜୟଗୁରୁ' ମହାମନ୍ତ୍ର କିପରି ଈଶ୍ୱରତ୍ୱ ଉପରେ ଆଧାର କରି ମାନବଧର୍ମ ପ୍ରତିଷ୍ଠିତ କରିପାରିଛି ତାହା ନିମ୍ନ ଆଲୋଚନାରୁ ଜଣାପଡ଼ିବ।

ପ୍ରେମାବତାର ଶ୍ରୀମାନ୍ ମହାପ୍ରଭୁ ଗୌରାଙ୍ଗ ଦେବଙ୍କ ଜନ୍ମଭୂମି ନଦୀୟା ଜିଲ୍ଲାର ଅନତି ଦୂରବର୍ତ୍ତୀ ମେହେରପୁର ମହାକୁମା କୁତବପୁର ଗ୍ରାମର ଭୁବନ ମୋହନ ଭଟ୍ଟାଚାର୍ଯ୍ୟ ଏବଂ ମାଣିକ୍ୟ ସୁନ୍ଦରୀ ଅନ୍ନପୂର୍ଣ୍ଣାଙ୍କ କୋଳରେ ଠାକୁର ନିଗମାନନ୍ଦ ୧୮୮୦ ମସିହା ଶ୍ରାବଣ ପୂର୍ଣ୍ଣିମାରେ ଜନ୍ମଗ୍ରହଣ କରିଥିଲେ। ସେ ବାଲ୍ୟକାଳରେ ନଳିନୀକାନ୍ତ ନାମରେ ପରିଚିତ ଥିଲେ। ଉଚ୍ଚବିଦ୍ୟାଳୟ ଶିକ୍ଷା ସମାପନ ପୂର୍ବରୁ ତାଙ୍କ ମାତା ବିୟୋଗ କରିଥିଲେ। ଇତିମଧ୍ୟରେ ୧୭ ବର୍ଷ ବୟସରେ ସୁଧାଂଶୁବାଳା ନାମ୍ନୀ ଏକ କନ୍ୟାଙ୍କ ସହ ବିବାହ କରିଥିଲେ। ନଳିନୀ ପଢ଼ା ଶେଷ କରି କିଛିଦିନ ଗ୍ରାମ୍ୟ ବିଦ୍ୟାଳୟରେ ଶିକ୍ଷକତା କରିବା ପରେ ବିଦେଶକୁ ଚାକିରି କରିବା ପାଇଁ ଚାଲିଗଲେ। ଏ ସମସ୍ତ ସତ୍ତ୍ୱେ ତାଙ୍କର ମନ ହେଉଥିଲା- 'ଯଦି ପରଲୋକର ଅସ୍ତିତ୍ୱ ଥାଆନ୍ତା, ତେବେ ମା' କ'ଣ ଥରେ ମୋ ନିକଟକୁ ସାନ୍ତ୍ୱନା ଦେବାକୁ ଆସନ୍ତେ ନାହିଁ।'

ବିଦେଶରେ ସେ ନାରାୟଣପୁର କଚେରିରେ କର୍ମରତ ଥିବା ଅବସ୍ଥାରେ ଦେଖିଲେ ସ୍ତ୍ରୀ ସୁଧାଂଶୁବାଳା ସମ୍ମୁଖରେ ଦଣ୍ଡାୟମାନ। କିଛି ସମୟ ପରେ ସେହି ମୂର୍ତ୍ତି ଅନ୍ତର୍ହିତ ହୋଇଗଲା। ପରେ କୁତବପୁର ଯାଇ ଜାଣିଲେ ଯେ ଯେଉଁଦିନ ସେ ଛାୟାମୂର୍ତ୍ତି ଦର୍ଶନ କରିଥିଲେ, ଠିକ୍ ସେହିଦିନ ପ୍ରୋକ୍ତ ଘଟଣାର ଅବ୍ୟବହିତ ପୂର୍ବରୁ ସ୍ତ୍ରୀ ପ୍ରାଣବିୟୋଗ କରିଥିଲେ। ଏହି ଘଟଣା ପରଠାରୁ ତାଙ୍କର ପରଲୋକରେ ବିଶ୍ୱାସ ହେଲା, ଏହି ବିଷୟରେ ଜ୍ଞାନ ଲାଭ ପାଇଁ ସେ ମାଦ୍ରାଜର ଥିଓସଫି ସଂପ୍ରଦାୟରେ ମିଶି ମିଡିୟମ୍ ଦ୍ୱାରା ସ୍ତ୍ରୀଙ୍କ ଆତ୍ମା ଆନୟନ କରି କଥୋପକଥନ କଲେ ମଧ୍ୟ ପ୍ରତ୍ୟକ୍ଷ ସମ୍ପର୍କ ସ୍ଥାପନ ନ କରିପାରିବାର ପରଲୋକ ସହିତ ପ୍ରତ୍ୟକ୍ଷ ସମ୍ପର୍କ ସ୍ଥାପନ ଉଦ୍ଦେଶ୍ୟରେ ସାଧୁ-ସନ୍ନ୍ୟାସୀ ଅନୁସନ୍ଧାନରେ ସେ ପ୍ରବୃତ୍ତ ହେଲେ।

ପରେ ପୂର୍ଣ୍ଣାନନ୍ଦ ସ୍ୱାମୀ ନାମଧେୟ ଜନୈକ ଉଚ୍ଚଶିକ୍ଷିତ ହିନ୍ଦୁ ସାଧୁଙ୍କ ଦର୍ଶନ ପାଇ ସେ ତାଙ୍କୁ ପରଲୋକବାସୀଙ୍କ ସହ ସାକ୍ଷାତ ଦର୍ଶନର ଉପାୟ ସମ୍ବନ୍ଧରେ ପ୍ରଶ୍ନ କଲେ। ପୂର୍ଣ୍ଣାନନ୍ଦ ଉତ୍ତର ଦେଲେ, ମହାଶକ୍ତିଙ୍କ ଉପାସନା କଲେ ତୁମ୍ଭେ ମୃତ୍ୟୁଞ୍ଜୟ ହୋଇପାରିବ ଏବଂ ତୁମ୍ଭର ସର୍ବାଭୀଷ୍ଟ ସିଦ୍ଧ ହେବ। ତେଣୁ ଉପଯୁକ୍ତ ଗୁରୁ ପାଇ ସାଧନାରେ ପ୍ରବୃତ୍ତ ହୁଅ।

ଦିନେ ଭଗବାନଙ୍କ ନିକଟରେ ପ୍ରାର୍ଥନା କରି ଠାକୁର ନିଦ୍ରାଭିଭୂତ ହୋଇ ପଡ଼ିଛନ୍ତି। ହଠାତ୍ ନିଦ୍ରାଭଙ୍ଗ ହେବା ପରେ ଦେଖିଲେ ଜଣେ ଜଟାଜୁଟ ବିମଣ୍ଡିତ ଦିବ୍ୟପୁରୁଷ। ତାଙ୍କ ଅଙ୍ଗ ପ୍ରଭାରେ ଅନ୍ଧକାର ଗୃହ ଆଲୋକିତ ହୋଇଗଲା। ମହାପୁରୁଷ ଗୋଟିଏ ବିଲ୍ୱପତ୍ରରେ ରକ୍ତ ଚନ୍ଦନରେ ଲିଖିତ ଏକାକ୍ଷରୀ ମନ୍ତ୍ର ପ୍ରଦାନ କରି କହିଲେ, "ବତ୍ସ! ନିଅ ତୁମର ମନ୍ତ୍ର।" ସାଧୁ କି ମନ୍ତ୍ର ଦେଲେ ଆଲୋକ ଜଳାଇ ତାହା ଦେଖିବାକୁ ଉଦ୍ୟମ କରୁଥିବା ବେଳେ ସାଧୁ ଅନ୍ତର୍ହିତ ହୋଇଗଲେ। ନଳିନୀକାନ୍ତ ଅତିଶୟ ବ୍ୟାକୁଳ ହୋଇ ଏହି ମନ୍ତ୍ରର ସାଧନ ପ୍ରଣାଳୀ ଜାଣିବା ନିମିତ୍ତ ସାଧୁ ସନ୍ନ୍ୟାସୀ ଖୋଜିଲେ, ନ ପାଇବାରୁ କାଶୀଧାମରେ ଆତ୍ମହତ୍ୟା କରିବେ ବୋଲି ସଂକଳ୍ପ କରି ଉପବାସରେ ନିଦ୍ରାଭିଭୂତ ହୋଇପଡ଼ିଲେ। ସ୍ୱପ୍ନରେ ବିଶ୍ୱେଶ୍ୱର ଜଣେ ବୃଦ୍ଧ ବ୍ରାହ୍ମଣ ବେଶରେ ଆଦେଶ ଦେଲେ, 'ତୁମ୍ଭେ ବୀର ଭୂମ ଜିଲ୍ଲାର ତାରା ପୀଠକୁ ଗମନ କର। ସେଠିକାର ସାଧକ ବାମାକ୍ଷେପା ତୁମ୍ଭର ଗୁରୁ। ସେ ତୁମ ମନ୍ତ୍ରର ସାଧନ ପ୍ରଣାଳୀ ଶିକ୍ଷା ଦେବେ। ତାଙ୍କ ଉପଦେଶ ଅନୁସାରେ ଗୋଟିଏ ରାତ୍ରର ସାଧନାରେ ନଳିନୀକାନ୍ତ ମା' ତାରାଦେବୀଙ୍କୁ ତାଙ୍କ ମନୋନୟୀ ସୁଧାଦେବୀ ମୂର୍ତ୍ତିରେ ଦର୍ଶନ ଲାଭ କରି କର୍ମସ୍ଥଳକୁ ପ୍ରତ୍ୟାବର୍ତ୍ତନ କଲେ। ସ୍ମରଣମାତ୍ରେ ଦେବୀଙ୍କ ଦର୍ଶନ ଲାଭ ହେଉଥିଲେ ମଧ୍ୟ ସ୍ପର୍ଶ କରିବାକୁ ଯିବାମାତ୍ରେ ଦେବୀ ଅନ୍ତର୍ହିତା ହୋଇଯାଉଥିବାରୁ ତାଙ୍କ ମନରେ ଅତୃପ୍ତି ଜାତ ହେଲା। ସେ ଭାବିଲେ, ମୁଁ ପ୍ରତ୍ୟକ୍ଷ ଦେଖିଲି ଯେ, ତାରାଦେବୀ ମୋ ଦେହରୁ ଜାତ ହେଲେ। ତେବେ ଯେଉଁ ମହାଶକ୍ତି ମୋ ଦେହରୁ ଜାତ, ସେହି ମୁଁ କିଏ ଓ ସେ ଦେବୀ କିଏ? ଏହି କାରଣରୁ ସେ ଜ୍ଞାନ ଗୁରୁ ଅନୁସନ୍ଧାନ କରିବା ପାଇଁ ପଶ୍ଚିମ ଭାରତକୁ ଗମନ କଲେ। ଏହିପରି ଭ୍ରମଣ କରିବା ସମୟରେ ଦିନେ ସେ ଆଜମୀର ସହରରେ ଉପସ୍ଥିତ ହୋଇ ଶୁଣିଲେ ଯେ, କୋଟାର ରାଜଗୁରୁଙ୍କ ବକ୍ତୃତା ଦେବାର କଥା! (ସେହି ବିଲ୍ୱପତ୍ର ଏକାକ୍ଷରୀ ମନ୍ତ୍ର କଥା)

ନଳିନୀକାନ୍ତ "ଗୁରୁ ପାଇଲି, ଗୁରୁ ପାଇଲି" ବୋଲି ଚିତ୍କାର କରି ତାଙ୍କ ଶରଣାପନ୍ନ ହେଲେ। ଉକ୍ତ ମହାପୁରୁଷଙ୍କ ନାମ ପରମହଂସ ଶ୍ରୀମଦ୍ ସ୍ୱାମୀ ସଚ୍ଚିଦାନନ୍ଦ। ପୁଷ୍କର ସାବିତ୍ରୀ ପାହାଡ଼ରେ ତାଙ୍କର ଆଶ୍ରମ। ସେଠାରେ ନଳିନୀକାନ୍ତ ଗୁରୁସେବାରେ ବ୍ରତୀ ହୋଇ ବେଦାନ୍ତ ଅଭ୍ୟାସ କରି ସଫଳ ହେବାରୁ ଗୁରୁ ସନ୍ତୁଷ୍ଟ ହୋଇ ତାଙ୍କୁ ସନ୍ନ୍ୟାସ ପ୍ରଦାନ ପୂର୍ବକ 'ନିଗମାନନ୍ଦ' ନାମ ରଖିଲେ। ନିଗମ ଅର୍ଥ ବେଦ।

ସନ୍ନ୍ୟାସ ଗ୍ରହଣ ପରେ ନିଗମାନନ୍ଦ ଗୁରୁଙ୍କ ଆଦେଶକ୍ରମେ ଚାରିଧାମ ଭ୍ରମଣ କଲେ। ବ୍ରହ୍ମ ଯଦି ସତ୍‌ପ୍ରତିଷ୍ଠ, ତେବେ ଜଗତ ମିଥ୍ୟା ହେଲା କିପରି? ନିଗମାନନ୍ଦ ଗୁରୁ ସଚ୍ଚିଦାନନ୍ଦଙ୍କ ନିକଟରେ ଏହି ପ୍ରଶ୍ନ କଲେ। ପରେ ସୁମେରୁ ଦାସଙ୍କ ଠାରୁ ଯୋଗବିଦ୍ୟା ଶିକ୍ଷା କରି ପ୍ରଥମେ ମେଦିନୀପୁର, ହରିପୁର ଓ ପରେ ଗୌହାଟୀର ଯଜ୍ଞେଶ୍ୱର ବିଶ୍ୱାସ ପରେ ଯୋଗ ସାଧନରେ ବ୍ରତୀ ହେଲେ। ଭାବତତ୍ତ୍ୱ ଶିକ୍ଷା ନିମନ୍ତେ ସେ ଗୌରୀ ମା'ଙ୍କ ନିକଟକୁ ଗଲେ। ଭଗବାନଙ୍କୁ ଜ୍ଞାନରେ ପାଇଲେ ମନତୃପ୍ତ ହେବନାହିଁ, ଯୋଗରେ, ପ୍ରାଣରେ ତୃଷ୍ଣା ମେଣ୍ଟେ ନାହିଁ। ଜୀବ ଭକ୍ତ ଭାବରେ ବିଭୋର ହୋଇ ଭଗବାନଙ୍କୁ ନିଜର ଆତ୍ମୀୟ ଜ୍ଞାନରେ ଭଜନ କରିବା ବିଧେୟ। ଗାରୋ ପାହାଡ଼ରେ ଆଶ୍ରମ ସ୍ଥାପନ କରି ସତ୍‌ଶିକ୍ଷାର ବିସ୍ତାର ଉଦ୍ଦେଶ୍ୟରେ 'ଯୋଗୀଗୁରୁ' ପୁସ୍ତକ ପ୍ରଣୟନ କଲେ।

ଏହାପରେ କୁମ୍ଭମେଳାରେ ସେ ଗୁରୁଦେବଙ୍କ ଦର୍ଶନ ଲାଭ କରି ସାଧୁମଣ୍ଡଳୀଙ୍କ ଅନୁମତି କ୍ରମେ ଗୁରୁ ସଚ୍ଚିଦାନନ୍ଦ ତାଙ୍କୁ ପରମହଂସ ଉପାଧି ପ୍ରଦାନ କଲେ। ଜ୍ଞାନ, ଭକ୍ତି ଓ କର୍ମର ତ୍ରିବେଣୀ ସଙ୍ଗମ ରୂପ ସାଧନା ସାର୍ଥକ ହେଲା। ନିଗମାନନ୍ଦ ସଚ୍ଚିଦାନନ୍ଦଙ୍କୁ କହିଲେ- 'ମୁଁ ତୁମର ଗୁରୁଭାର ନେବି ସତ୍ୟ, କିନ୍ତୁ ତୁମେ ତୁମ୍ଭର ପୁଷ୍କର ଗାଦି ତୁମର ଅନ୍ୟତମ ଶିଷ୍ୟ ବ୍ରହ୍ମାନନ୍ଦଙ୍କୁ ପ୍ରଦାନ କରି ମୋତେ ବଙ୍ଗଦେଶ ଅର୍ଥାତ୍ ପୂର୍ବାଞ୍ଚଳର ଗୁରୁ ହେବା ପାଇଁ ଅନୁମତି ପ୍ରଦାନ କର।' ସଚ୍ଚିଦାନନ୍ଦ ଏଥିରେ ସମ୍ମତ ହେଲେ। ସେହିଦିନ ଠାରୁ ପରିବ୍ରାଜକ ନିଗମାନନ୍ଦ ହେଲେ "ଶ୍ରୀ ଶ୍ରୀ ଠାକୁର ନିଗମାନନ୍ଦ"। ଠାକୁର ବଙ୍ଗାବ୍ଦ ୧୩୧୨ ସାଲଠାରୁ ୧୩୨୦ ମଧ୍ୟରେ 'ବ୍ରହ୍ମଚର୍ଯ୍ୟ ସାଧନ', 'ଯୋଗୀଗୁରୁ', 'ଜ୍ଞାନୀଗୁରୁ', 'ତାନ୍ତ୍ରିକ ଗୁରୁ', 'ପ୍ରେମିକ ଗୁରୁ' ଏହି ପାଞ୍ଚଖଣ୍ଡ ପୁସ୍ତକ ପ୍ରଣୟନ କରି 'ଆର୍ଯ୍ୟଦର୍ପଣ' ନାମକ ଏକ ମାସିକ ପତ୍ରିକା ପ୍ରଚଳନ କଲେ।

ବିଶ୍ୱବାସୀଙ୍କର କଲ୍ୟାଣ ସାଧନ ନିମନ୍ତେ ନିମ୍ନ ନିୟମ ପ୍ରଣୟିତ:

(୧) ସତ୍ ଶିକ୍ଷାର ବିସ୍ତାର

(୨) ଆଦର୍ଶ ଗୃହସ୍ଥ ଜୀବନ ଗଠନ

(୩) ଶିବ ଜ୍ଞାନେ ଜୀବନ ସେବା

(୪) ଅସାଂପ୍ରଦାୟିକ ଭାବେ ସନାତନ ଧର୍ମ ପ୍ରଚାର ଓ ପ୍ରସାର



# ଜୀବନର ସ୍ୱରରୁ ଚିତ୍ରଟିଏ

ପ୍ରତିଭା ପଣ୍ଡା

ସୁର ଝଙ୍କାରର ତାଳେତାଳେ ମୁହିଁ
ଗାଇଥିଲି ଗୀତଟିଏ,
ସଂଗୀତର ସେଇ ମୂର୍ଚ୍ଛନା ଭିତରେ
ଦେଖାଦେଲା ଚିତ୍ରଟିଏ।

ସେଇ ଚିତ୍ରଟି ଭରିଦେଲା କେତେ
ଆବେଗ ମୋ ମନ ମନ୍ଦିରେ,
ମନେ ହେଲା ସେଇ ଆବେଗକୁ ଢାଳି ଲୋଟିଯିବି ପାଦତଳେ।

ଜୀବନର ତୁମେ ଉଦ୍ଧାର କର୍ତ୍ତା, ତ୍ରାସ କର୍ତ୍ତା
ମୋ ପ୍ରାଣର,
ତୁମ ଆଗେ ଗାଇ ଜୀବନ ସଂଗୀତ
ମିଟି ଯାଉ ଏ ଶରୀର।

ଜୀବନର ଦୁଃଖ ସୁଖ ମନେକରି ତୁମ ପଛେପଛେ ଚାଲେ,
ବିତିଯାଉ ଏଇ ଦୁଃଖର ଜୀବନ, ନାଚି ତୁମ ତାଳେ ତାଳେ।



# ଫୁଲ ବଉଳ ବେଣୀ

ବ୍ରତତୀ ପ୍ରିୟଦର୍ଶିନୀ ସ୍ୱାଇଁ

କୁଆଁର ପୂନେଇଁ ଜହ୍ନ ଗୋ
ଫୁଲ ବଉଳ ବେଣୀ
କୁଆଁରୀ ମାନଙ୍କ ଅପୂର୍ବ ଆନନ୍ଦ
ଆସ ଖୁସିର ଆସର କରିବା ଗୋ
ଫୁଲ ବଉଳ ବେଣୀ।।

Moc ଆଣିଛି ଅନେକ ଆନନ୍ଦ
ଆମ ମାନଙ୍କ ନିମନ୍ତେ ଗୋ
ଫୁଲ ବଉଳ ବେଣୀ।।

ବିଦେଶରେ ଦିଏ ଆପଣା ମହକ
ଆମ ଓଡ଼ିଆ କମ୍ୟୁନିଟି ଗୋ
ଫୁଲ ବଉଳ ବେଣୀ।।

ଉତ୍କଳ ଦିବସେ ଉତ୍ସବ ଆରମ୍ଭ
ଶେଷ ହୁଏ ଦୀପାବଳି (ରେ) ଗୋ
ଫୁଲ ବଉଳ ବେଣୀ।।

ରଜ ଉତ୍ସବରେ ମଉଜ ହୁଅଇ
ସଭିଏଁ ପାଳନ୍ତି ଏକାଠି ଗୋ
ଫୁଲ ବଉଳ ବେଣୀ।।

ଧନ୍ୟବାଦ ଦେଉ MOCକୁ ସର୍ବେ
ଖୁସି ଭରୁଥାଅ ମନେ ଗୋ
ଫୁଲ ବଉଳ ବେଣୀ।।

ଓଡ଼ିଆ ସଂସ୍କୃତି ଓଡ଼ିଶାର ଗର୍ବ
MOCରେ ହୁଏ ଶଙ୍ଖ ନାଦ ଗୋ
ଫୁଲ ବଉଳ ବେଣୀ।।

ଜନମି ଥିଲା କୁଆଁ କୁଆଁ ରାବ ଦେଇ
ଆଜି ହସ କଲ୍ଲୋଳ ରେ ଭରା ଗୋ
ଫୁଲ ବଉଳ ବେଣୀ।।

ଦୁଃଖରେ ପଡ଼ିଲେ ସାହାଯ୍ୟ କରଇ
ସଭିଙ୍କୁ ଆପଣା ଭାବି ଗୋ
ଫୁଲ ବଉଳ ବେଣୀ।।

ସଭିଙ୍କ ଆଶିଷ ତୁମରି ପାଇଁ
MOC ହୁଅ ଦୀର୍ଘଜୀବୀ ଗୋ
ଫୁଲ ବଉଳ ବେଣୀ।।



# ଶିଶୁ କହେ

**ସସ୍ମିତା ସିଂହଲ**

ହଜାଇ ଦିଅନି ବାପା !
ମୋ ପିଲା ଦିନକୁ,
ଖେଳି ବୁଲି ଦେଖିବି ମୁଁ ଏଇ ପ୍ରକୃତିକୁ।

ଅମାନିଆ ଅଝଟିଆ ଗୁଣକୁ ମୋହର
ଶାସନ ଶୃଙ୍ଖଳା ଚାପ ନ ହେଉ କଠୋର।

ମନରେ ଆସିଲ କ୍ରୋଧ ଚିତ୍ତ କରି ସ୍ଥିର
ପିଲା ଦିନ ମନେ ପକା ତୁମ ଅତୀତର।

ବାଇଚଢ଼େଇର ଗୀତ ଗାଇଦେଲେ ଥରେ
ଶୋଇଯିବି ଅମାନିଆ ହେବି ନାହିଁ ବାରେ।

ମାଆ କୋଳଠାରୁ କେବେ ଅଲଗା କରନା
କାଖିକରି ଜହ୍ନ ମାମୁ ଦେଖେଇ ଦିଅନା

ମାଟିକାଦୁଅରେ ପୁଣି ବରଷା ଟୋପାରେ
ଅନୁଭବ ହୋଇଯିବ ପଞ୍ଚ ଇନ୍ଦ୍ରିୟରେ।

ଗପ ଶୁଣିବାକୁ ମୋତେ ଭାରି ଭଲ ଲାଗେ,
ରାଜା ରାଣୀ ପରୀ କଥା କହିବ ମୋ ଆଗେ।

କୌତୂହଳୀ ପ୍ରଶ୍ନକୁ ମୋ ଦେବନି ଆଡ଼େଇ,
କଅଁଳ ମନକୁ ଟିକେ ଦେବଟି ବୁଝାଇ।

ସତମିଛର ଫରକ ମୋତେ କହିଦେବ
ଜୀବନ ସତ୍ୟରେ ସଂସ୍କାରିତ କରାଇବ।

ଜେଜେ ଜେଜୀ, ଅଜା ଆଈ ପାଖକୁ ପଠେଇ
ଶୁଣାଇବ ନୈତିକତା ପୁରାଣଠୁ ନେଇ।

ଜୀବନର ଗହନକୁ କହିବେ ବତାଇ
ଅବାଟରୁ ନେଇଯିବେ ବାଟକୁ କଢ଼ାଇ।

ଛୋଟରୁ ବଡ଼ ହୋଇଥିବା ମହାପୁରୁଷଙ୍କୁ
ଆଦର୍ଶମାନି ଗଢ଼ିବୁ ଆମ ସମାଜକୁ।

ଦୁନିଆଁ ଦେଖାଇଛ ଆମ ଚଳନ୍ତି ଠାକୁର
ଆଦେଶକୁ ତୁମ ମାନିବୁ ନିରନ୍ତର।

ତେବେ ତୁମେ ଭଲବାପା ହୋଇବ ଆମ୍ଭର
ନିତି କରୁଥିବୁ ତୁମ ପାଦରେ ଜୁହାର।



# ଦୁଇଟି କବିତା

ସାଗରିକା ମିଶ୍ର

## ରାକ୍ଷୀ

ରାକ୍ଷୀ ଗୋଟିଏ ଏମିତି ଡୋରି, ଭାଇଟିଏ
ଯେଉଁଠି ରହିଥାଉ ଭଉଣୀର ମନ କାନ୍ଦେ
ଯଦି ଭାଇ ଦୂରରେ ଥାଏ। ମୋ ଭାଇଠୁ
ଦୂରରେ ଥାଇ ତା'ର ମଙ୍ଗଳ କାମନା କରି
ଗୋଟିଏ ଛୋଟ କବିତା ମୋ କଲମରୁ...

ରାକ୍ଷୀ ରେ ରାକ୍ଷୀ ତୁ ରହିଥା ସାକ୍ଷୀ,
ଭାଇକୁ ମୋର ତୁ ରଖିବୁ ସୁଖୀ,

ଜୀବନ ଭିଡ଼ରେ ହଜି ନ ଯାଉ,
ମୋ ସ୍ନେହ ଡୋରିରେ ବାନ୍ଧି ହେଇ ଥାଉ,

ଆମ ଛୋଟ ଖିଟ ଫିଟ ଲିଭି ନ ଯାଉ,
ମୋ କଥା ସଦା ତାର ମନେ ଥାଉ,

ରାକ୍ଷୀ gift ମୋର ଆଣିବୁ ଭାଇ,
ବାହାନା କରିକି ଟାଳିବୁ ନାହିଁ,

ଦୂରରେ ଅଛି ବୋଲି କାନ୍ଦିବୁ ନାହିଁ,
Account number ନିଶ୍ଚେ ଦେବି
ଟି ମୁହିଁ,

ପ୍ରଭୁଙ୍କ ଠାରେ ମୋ ଏକା ଅଝଟ,
ମୋ ଭାଇ ମୁଣ୍ଡେ ରହୁ ସୁନା ମୁକୁଟ,
ଜଗତ ଜିତା ଯେବେ ହେବ ମୋ ଭାଇ,
ବୁଲି ବୁଲି କହିବି କାହା ଭଉଣୀ ମୁହିଁ।

ଭଉଣୀ ତୋର ମୁଁ ରହିଲି ଏଠି,
ମନେ ଆଜି ପଡୁଛୁ ତୁ ବହୁତ ବେଶୀ।



## ବାଲ୍ୟ ବନ୍ଧୁମିଳନ

ଛୋଟ ମୋର ଗାଁ ଟି
ବନ୍ଧୁ ମୋର କେତୋଟି

ଖେଳ ଯେତେ ଆମର
ହେଲା ସବୁ ଧୂସର

ପିଲାବେଳର ସେ ସ୍ମୃତି
ହଜିଗଲା କାହୁଁ ଏମିତି

ଆଜି ମୋର ମନେ ପଡ଼େଟି
ପଣ୍ଡିତ ଆଜ୍ଞାଙ୍କ କାନ ମୋଡ଼ା ଟି

ପୁନିଆ ପିଅନର ଶୁଣି ଇସ୍କୁଲ ଘଣ୍ଟି
କେନାଲ ହୁଡ଼ାରେ ଦୌଡୁଥିଲୁ ଯେ ନୀତି

ଶନିବାର ସାପ୍ତାହିକ ସଭାରେ
ଭାଳେଣି ପଡ଼େ ଆମ ଆମ ଭିତରେ

କିଏ ହବ ଆଜିର ସଭାପତି
ବିଷୟ କେଉଁଟି ବଖାଣିବଟି

ପ୍ରାର୍ଥନାର ସେ ମଧୁର ଗୀତ
କହଲୋ ଜୋଛନା ଭୁଲିବା କେମନ୍ତ

ବିତିଗଲା ତେୟାଳିଶି ବରଷ
ବନ୍ଧୁମିଳନ ଯେ ଆଣିଲା ହର୍ଷ

ଭେଟ କରି ବନ୍ଧୁମାନଙ୍କ ସହ
ପୁଣି ମୁଁ ପାଇଲି ସେ ଇସ୍କୁଲ ସ୍ନେହ

ଦୁଃଖ ସୁଖ ଏଇ ଜୀବନ ଆମ
ବନ୍ଧୁ ଟିଏ ବିନା ହୁଏ ବିଷମ

ପ୍ରଭୁଙ୍କ ଠାରେ କୃତଜ୍ଞତା ଜଣେଇ
ରହିଲି ଏଠି ମୋ ବନ୍ଧୁଙ୍କ ଶୁଭ ମନେଇ।





# ସଜବାଜ ହେଲେ ଦରପଣ କୋଳେ

ସିମନ୍ତିନୀ ନନ୍ଦ

ରାଇ ଏବେ ଲାଜେ ଭିଜେ
ଖୋଜାଖୋଜା ଆଖି କଳା ରଙ୍ଗେ ମାଖି
ଚାହିଁ ବାଟ ତାର ଖୋଜେ।

ରାତି ନିଦ ଭାଜେ ଯେବେ ବଂଶୀ ବାଜେ
ପବନ ଯାଏ ଶିହରି
ଛତି ଧରେ ଜହ୍ନ ତାରା ଖୋଜେ ଧନ
ସପନେ ଆସେ ସବାରି।

ମଜା ମଜା ଲାଗେ ଦରପଣେ ଯେବେ
କାହ୍ନୁ ରାଇ ରାଇ ଭଜେ
ସଜ ବାଜ ହେଲେ ଦରପଣ କୋଳେ
ରାଇ ଏବେ ଲାଜେ ଭିଜେ।

କୁହୁକ କଲା ସେ କୁହୁକୁହୁ ଶୁଭେ
ଦରପଣ ଛବି କୋଳେ
ମହକ ଆସିଲା ମହ ମହ ବାସେ
ରାଇମନ ଭାବି ଢଳେ।

ବାଜା ବାଜୁନାହିଁ ଶବଦ ଶୁଭୁଚି
ଭାବେ ବନ୍ଧା ହେଲି ମୁଁ ଯେ
ରାଇ ଭାବି ଦେଖେ ଦରପଣ କୋଳେ
ପଛେ ଠିଆ କାହ୍ନୁ ସଜେ
ସଜ ବାଜ ଛାଡ଼ି ରାଇ ମୁହଁ ମୋଡ଼ି
ବୁଲି ପଡ଼ି ତାକୁ ଖୋଜେ।

ରାଇ ଏବେ ଲାଜେ ଭିଜେ।



# ଅମାନିଆ ପ୍ରିୟା

ଆରତୀ ପାତ୍ର

ହୃଦୟରେ ଏହି ଗୁପ୍ତ ମଲାଟରେ
ଲେଖି ଦେଲ ତୁମେ ପ୍ରିୟ
ଭଲ ପାଅ ପୁଣି ସୁପ୍ତ ଇସାରାରେ
କେଜାଣି କେମିତି କୁହ

ଲୁକ୍କାୟିତ ପୁଣି ପ୍ରୀତିର ଦୁଆରେ
କହି ଦିଅ ଥରେ ମୋତେ
କାହିଁକି ଏମିତି କୋମଳ ହୃଦୟେ
ନିର୍ଦ୍ଦୟ ହେଉଛ ଏତେ

କୃଷ୍ଣଚୂଡ଼ା ରଙ୍ଗ ଦେହର ପୁଲକ
ଫୁଟି ଉଠେ ପ୍ରିୟ ମୋର
ଜୀବନ କାଟିବି ତୁମରି ହୃଦରେ
ସ୍ପୃହା ରଖ ମୋ ଈଶ୍ୱର

ମନର ମନ୍ଦିରେ ପୂଜି ବସିଥାଏ
କାମନା ମୋ ତୁମ ଠାବେ
ଆହେ ମୋ ଠାକୁର କୃପା ଟିକେ କର
ମନ କାମ ପୂର୍ତ୍ତି ଲାଭେ

ଜୀବନ ଗାଡ଼ିକୁ ଚଲାଇଣ ନେବି
ସାଥେ ଥାଉ ତୁମ ହାତ
ଡରିବାର ନାହିଁ ଯେତେ ପଥ ଥାଉ
ମାଡ଼ି ଯିବ ଏହା ସତ୍ୟ

ଦୁଇ ପଦ ପ୍ରିୟେ ଲେଖି ଦେଇଗଲି
ମନର କଲମେ ଆଜି
ଜୀବନ ମୋହର ପୁଲକିତ ହେଉ
ଆଶା ବାଡ଼ି ତା'ର ସାଜି।

# ଏ ମଣିଷ ବୁଝେନା!!



ଲିପ୍ସା ସାହୁ

ଏ ମଣିଷ ତୁ କାହିଁ ବୁଝୁନା!!!!
ଏଠି ତୋର କିଛି ବି ନୁହେଁ
କାହିଁ କରୁ ଏତେ ରାଗ ରୁଷା  ଆଉ ଅଭିମାନ
ଥରେ ରେ ସବୁ ଭୁଲି, ହସି କ୍ଷମା କରିଦେ ନା।

ଅହଂକାର ଈର୍ଷାରେ କିଛି ହୋଇନି କେବେ ସମାଧାନ
ଖୁସି ଯେ କେତେ ମିଳେ, ଥରେ ସାହାଯ୍ୟର ହାତ ବଢ଼ାଇ ଦେଖେ ନା।

ଦୁଇଦିନ ଜୀବନ, ଆଜି ଅଛି କାଲି ନାହିଁ, କାହିଁ କରୁ ଏତେ ଗର୍ବ
ନିଜର ଏଠି ନିଜ ନିଃଶ୍ୱାସ ବି ନୁହେଁ, ଯିବା ଆଗରୁ ଖୁସି ରେ ବଞ୍ଚି ଯା ନା।

ଯାହା ଅଛି ତୋ ପାଖେ ସେତିକି ପାଇଁ କିଏ ଝୁରୁଛି ଆଜି
ସ୍ନେହ ଶ୍ରଦ୍ଧା ଭଲ ପାଇବା ଦେଇ ସମ୍ପର୍କ ଦୃଢ଼ କରିଦେ ନା।
ଲୋଭ ମୋହ ମାୟା ରହିବ ନିଶ୍ଚୟ, ଏକ ସୁନ୍ଦର ହୃଦୟ ଯୋଡ଼ିଦେ ନା।

ଛାଇ ଖରା ତ ଲାଗି ରହିବ, ଆପଣା ଲୋକ ନିଜ ସାଥିରେ ଥିଲେ ସେ ସମୟ ବି ଚାଲିଯିବ
ନିଜ ଲୋକ ହିଁ ନିଜର ରହିବେ, ବଡ଼ଙ୍କୁ ସମ୍ମାନ ଓ ସାନଙ୍କୁ ସ୍ନେହ ଡୋରିରେ ବାନ୍ଧିନେ ନା।
ତୁ ପରା ବୋଲାଉ ଶ୍ରେଷ୍ଠ ପ୍ରାଣୀ, କାହିଁ ନକହୁ ମିଠା ବାଣୀ
ଛଳ ହୃଦୟ ହିଂସା ଆଉ ଈର୍ଷାରୁ କିଛି ମିଳେନା
ଏ ମଣିଷ ତୁ କାହିଁ ବୁଝୁନା!!

ପ୍ରାର୍ଥନା ଏତିକି ପ୍ରଭୁଙ୍କ ପାଖେ, ଜାଣେ ଅଜାଣେ  ମନରେ କଷ୍ଟ ଦେଇଛି ଯେତେ
ଶେଷ ସମୟ ଆଗରୁ କରିଦେବ କ୍ଷମା  କି ମୋତେ
ଏକ ନିଷ୍ପାପ ହୃଦୟ ନେଇ ଯିବାକୁ ଚାହୁଁଚି, ଥାଉ ଥାଉ ନୂଆ ଆରମ୍ଭ କରିବାକୁ ଚାହୁଁଚି
ସାଥିରେ ଥିବ ପ୍ରଭୁ ଯେମିତି ସବୁବେଳେ ଅଛ, ତୁମ ବିନା ଗୋଟେ ପାଦ ଚାଲି ମୁଁ ପାରେନା।





## ମଜା କଥା

**ମଞ୍ଜୁଶ୍ରୀ ଚୌଧୁରୀ**

ଗୋଟିଏ ଗ୍ରାମରେ ଜଣେ ବୁଢ଼ା ମାଷ୍ଟର ଥିଲେ। ସବୁବେଳେ ସ୍କୁଲ୍ ଯାଆନ୍ତି ; କିନ୍ତୁ ପିଲାମାନଙ୍କୁ ପାଠ ପଢ଼ାନ୍ତି ନାହିଁ। ସବୁବେଳେ ମଜା ହୁଅନ୍ତି, ପିଲାମାନଙ୍କୁ ଗପ କୁହନ୍ତି, ହେଲେ ପାଠ ପଢ଼ାନ୍ତି ନାହିଁ। ପିଲାମାନଙ୍କ ପରୀକ୍ଷା ହେଲା, ସମସ୍ତେ କମ୍ ମାର୍କ ଆଣିଲେ। ପ୍ରଧାନ ଶିକ୍ଷକ କମ୍ ମାର୍କ ଶୁଣି ବହୁତ ମନଦୁଃଖ କଲେ। ଦିନେ ପ୍ରଧାନ ଶିକ୍ଷକ କ୍ଲାସ୍‌କୁ ଗଲେ, ପିଲାମାନେ ଠିଆ ହୋଇ ନମସ୍କାର କଲେ। ପ୍ରଧାନ ଶିକ୍ଷକ ପଚାରିଲେ, କେମିତି ପାଠପଢ଼ା ଚାଲିଛି ? ପିଲାମାନେ କହିଲେ, ସବୁ ଭଲ ଚାଲିଛି। ପ୍ରଧାନ ଶିକ୍ଷକ କହିଲେ, ମୁଁ ପ୍ରଶ୍ନ ପଚାରିବି, ଆଉ ତୁମେମାନେ ଉତ୍ତର ଦେବ। ପିଲାମାନେ କହିଲେ, ଆଜ୍ଞା ହଁ। ପ୍ରଧାନ ଶିକ୍ଷକ ପଚାରିଲେ, କାଉର ରଙ୍ଗ କିପରି ? ପିଲାମାନେ କିଛି ଉତ୍ତର ଦେଲେ ନାହିଁ। ସବୁ ଚୁପ୍ ରହିଲେ। ପ୍ରଧାନ ଶିକ୍ଷକ ଭାବିଲେ ପିଲାମାନେ କିଛି କହୁନାହାନ୍ତି। ନ ହେଲେ ମତେ ଚାକିରିରୁ ବାହାର କରିଦେବେ। ଶିକ୍ଷକ ସଙ୍ଗେ ସଙ୍ଗେ ମୁଣ୍ଡର ବାଳକୁ ଦେଖାଇ ଠାରିଲେ, ପିଲାମାନେ ପାଟି କରି ଉଠିଲେ, "କାଉର ରଙ୍ଗ ଧଳା ଧଳା।" ପ୍ରଧାନ ଶିକ୍ଷକ ରାଗିଯାଇ ସେଠାରୁ ପଳେଇଲେ। ଯେତେବେଳେ ପ୍ରଧାନ ଶିକ୍ଷକ ପିଲାମାନଙ୍କୁ କହିଲେ, ମୁଁ ତୁମମାନଙ୍କୁ ମୋ ବାଳକୁ ଦେଖାଇଲି ସେତେବେଳେ ତୁମେମାନେ କାଉର ରଙ୍ଗ ଧଳା କାହିଁକି କହିଲ ?" ପିଲାମାନେ କହିଲେ, "ଆମେ ଠିକ୍ କହିଲୁ ଆଜ୍ଞା। ଆପଣଙ୍କ ବାଳ ଧଳା, ତେଣୁ ଆମେ ଧଳା କହିଲୁ। ଆମେ କ'ଣ ଭୁଲ୍ କହିଲୁ ଯେ!" ପ୍ରଧାନ ଶିକ୍ଷକ ଏକଥା ଶୁଣି ମୁଣ୍ଡରେ ହାତ ଦେଲେ, ଆଉ ନିଜକୁ ନିଜେ କାନ୍ଦିବେ ନା ହସିବେ ଭାବି ଚୁପ୍ ରହିଲେ।



# କାଲି ରାସ୍ତାରେ ଭେଟିଥିଲି ଜୀବନକୁ

**ବୀଣାପାଣି ପ୍ରଧାନ**



ମିଛଟାଏ କହି ଫାଙ୍କିଦେବି ବୋଲି ନିଜକୁ ଚେଷ୍ଟା କରି ସାରିଥିଲି। ହେଲେ ମନ ବୁଝୁ ନଥିଲା, ଅସରନ୍ତି ଜଳରାଶି ଉପରେ ଦୋହଲି ଯାଇଥିଲା ମୋ ଭିତରର ନିରବତା। ଲହଡ଼ି ଚୂନା ହୋଇ ଭାଙ୍ଗିଯିବା ପରି ମିଶି ଯାଉଥିଲା ମୋ ଅସ୍ତିତ୍ୱ ବାଲି ଉପରେ। ସମୁଦ୍ରକୁ ଅଭିମାନରେ ଚାହିଁ ବସିଥିଲି ସବୁ ଅସହାୟତାକୁ ମୋରି ଭାଗ୍ୟରେ ଲେଖିଦେଇଥିବାରୁ। ଯେମିତି ମୋ'ଠୁ ଦୁଃଖୀ ଆଉ ଏ ବିଭବପୂର୍ଣ୍ଣ ସାଗର ଦେଖି ରୁହନ୍ତି। ଭାବୁଥିଲି ଆଉ କିଛି ସମୟ ଏମିତି ବସି ରହନ୍ତି। ଭିତରେ କୁହୁଳୁଥିବା ଗ୍ଲାନି, ଅତୃପ୍ତି ସବୁକିଛି ଏମିତି ପବନରେ ଥଣ୍ଡା ହୋଇଯାଆନ୍ତା। ଦେହଟା ହାଲୁକା ଲାଗନ୍ତା ଅନ୍ତତଃ। କ'ଣ ପାଇଁ ଏମିତି ଅନୁଭବ ହୁଏ ଯେ ମୁଁ ନିଜେ ବି କାରଣ ଖୋଜି ଦ୍ୱନ୍ଦ୍ୱରେ ପଡ଼େ। ସତରେ କ'ଣ ମୁଁ ହାରିଯାଇଛି ନିଶାକୁ ଖୁସିରେ ରଖିବାକୁ ଯାଇ, ମୋର ନିଜର ଏ ଅପାରଗତା ନା ନିଶାର ଉଚ୍ଚାଭିଳାଷ ? ନିଶାର ଅଭିଳାଲୋ ମୋ ପାରିବାପଣିଆଠୁ ଯଥେଷ୍ଟ ଉଚ୍ଚରେ ଥିଲା। ପୁଣି ମନେପଡ଼ିଗଲା ନିଶା କଥା। ସତରେ କେତେ ଅଯୋଗ୍ୟ ମଣିଷଟା ମୁଁ, ତା'ର ସ୍ୱପ୍ନ କ'ଣ ମୁଁ ପୂରା କରିପାରିଛି ? ତା ଆଶାନୁରୂପୀ ଜୀବନରେ ସେ କ'ଣ ମୋ ସହ ପାଇ ପାରିଛି। ନିଶାର ବଡ଼ଲୋକୀ ସାଙ୍ଗମାନଙ୍କୁ ନେଇ ମୋ ବଳ କଷି ହେଉଥିଲା। ମୋ ଅଯୋଗ୍ୟ ପଣିଆଟା ଆହୁରି ଭାରୀ ଲାଗୁଥିଲା ମୋତେ ଦିନକୁ ଦିନ। ସତରେ କେତେ କଷ୍ଟରେ ରଖିଛି ମୁଁ ନିଶାକୁ। ତା' ଖୁସି ପାଇଁ ଆଉ କ'ଣ ବା କରିବି ମୁଁ? ବର୍ଷେ ମାସ ଖସି ଖସି ଯେତିକି ଆସେ ଯେଉଁଥିରେ ବିଦେଶ ଯାତ୍ରା ପରି ବ୍ୟୟବହୁଳ ଜାଗାକୁ ପରିବାର ସହ ବୁଲି ନପାରିଲେ ବି ଓଡ଼ିଶାର ଯେକୌଣସି ସ୍ଥାନକୁ ମନ ପରିବର୍ତ୍ତନ ପାଇଁ ନିଶାକୁ ନେଇଯିବାର ସାମର୍ଥ୍ୟ ମୁଁ ରଖେ। ଦୁଇଜଣ ବାପା ମା' ଆଉ ଗୋଟେ ସନ୍ତାନକୁ ନେଇ ଆଜିକାଲିକା ପରିବାରରେ କେତେ ଉପାର୍ଜନରେ ଗୋଟେ

ହସଖୁସିର ଜୀବନ ବିନା ଅଭାବ ଅସୁବିଧାରେ ବଞ୍ଚୁଥିବ ତା'ର ହିସାବ ଅବ୍ୟା କହିଦେଇ ପାରିବେନି। ଆମ ଅଭାବ ଅସୁବିଧାର ପୂର୍ଣ୍ଣଚ୍ଛେଦ ନଥାଏ, ଗୋଟାଏ ସରିଗଲେ ଆମେ ଆଉ ଗୋଟେ ତିଆରି କରି ବସୁ।

ନିଶାର ସେଇ ତୁଳନା ତା' ଫେସବୁକ୍ ସାଙ୍ଗ କିଏ କେଉଁଠି ପହଞ୍ଚିଗଲେଣି, କିଏ ଫଟୋ ଉଠେଇ କେମିତି ଦେଖେଇଛି ନିଜର ପାରିବାପଣିଆକୁ। କେମିତି ସୁଖରେ ହସୁଛି ସେମାନଙ୍କ ଜୀବନ। ସେମାନଙ୍କ ଜୀବନ ତା' ପରି ନୁହେଁ, ଅଭାବ କ'ଣ ଅଛି ସେମାନଙ୍କର ତା' ପରି। ନିଶାର ସେଇ ଚିନ୍ତା ସେ ବହୁତ କଷ୍ଟରେ ଚଳୁଛି ମୋ ପରି ଜଣେ ସ୍ୱଳ୍ପ ରୋଜଗାରୀ ମଣିଷ ସହ ସଂସାର ବାନ୍ଧି। ମାପିଚୁପି ଚଳିବାକୁ ହୁଏ ତାକୁ ଅଧିକାଂଶ ସମୟ।

ମୁଁ ନିହାତି ଗୋଟେ ଅଯୋଗ୍ୟ ସ୍ୱାମୀ ତା' ଆଖିରେ କେବଳ ଯେ ପୁରୀରୁ ଯାଇ ଯାଇ ବିଶାଖାପାଟଣା ଯାଏ ଚିନ୍ତା କରିପାରେ। ସପ୍ତାହରେ ଦୁଇଟା ମୁଭି ସୋ' ନ ଦେଖିଲେ ମାସକୁ ଥରେ ଯିବାକୁ ପ୍ରସ୍ତାବ ଦିଏ, ପୁଅର ପଢ଼ା ପାଇଁ ବ୍ୟୟବହୁଳ ଘରୋଇ ସ୍କୁଲ୍‌କୁ ନ ପଠାଇପାରି ଛତୁ ଫୁଟିଲା ଭଳି ଖୋଲିଥିବା ମଧ୍ୟମ ମାନର ଇଂରାଜୀ ସ୍କୁଲ୍‌ର ତାଲିକା ଖୋଜେ। ସପିଙ୍ଗ୍ ପାଇଁ ଦୁଇ ମାସରେ ଥରେ ଅଧେ ନିଶାକୁ ନେଇଯାଏ। ହେଲେ ଅଭାବ ନ ଥିଲା ମୋର ହୃଦୟରେ ନିଶାକୁ ପାରୁପର୍ଯ୍ୟନ୍ତ ଖୁସି ରଖିବାର ଚେଷ୍ଟା। ତା'ପରେ ବି ନିଶାର ଅଭାବରେ ଲମ୍ବା ଲିଷ୍ଟ୍। ଭାବି ଭାବି ଏସବୁ ପୁଣି ବିଷ ଭରିଗଲା ପରି ଲାଗୁଥିଲା ଦେହମୁଣ୍ଡ। ଭାବୁଥିଲି ନିଶାକୁ ବୁଝାଇ କହିବି ଆମର ଯେତିକି ଚୂନା ସେତିକି ପିଠା। କାହିଁକି ଅଧିକ ଆଶା କରିବା ? ହେଲେ ନିଶା କ'ଣ ବୁଝିବା ଜନ୍ତୁ! ସେ ବୁଝିଗଲା ପରି କହିବ, ତା' ମାନେ କ'ଣ କହୁଚ ତୁମେ, ମୁଁ ଈର୍ଷା କରୁଛି ସମସ୍ତଙ୍କୁ। ମୁଁ ଭାବୁଥିଲି, ଶଳା ସବୁ ଏଇ ଇଣ୍ଟରନେଟ୍‌ର ଯୁଗର ଦୋଷ। ଘରେ ପଛେ ମାଡ଼ଗୋଡ଼ ଲାଗି ହଣାକଟା ହେଉଥିବେ ହେଲେ ଲୋକମାନଙ୍କୁ ଦେଖେଇ ହେବା ସଉକି ଛାଡୁନି ଦୁନିଆକୁ। କେହି କିଛି ବୁଝୁନ୍ତିନି ଏଠି।

**ମୋର ଆଉ ପ୍ରହସନ କରିବାର ପ୍ରୟୋଜନ ନାହିଁ ନିଶା ଆଗରେ, ଖାଲି ଲୁଣିଆ ପବନରୁ କିଛି ଉଦରସ୍ଥ ପାଇଁ ସମୁଦ୍ର ଆଡ଼େ ଆସିଥିଲି, ମୋତେ ମୋ ନିଜ ଘରେ ରହିବାକୁ ଆଉ ଇଚ୍ଛା ନାହିଁ ବୋଲି କହିବାର ସାହସ ଆଜି ଯାଏଁ ତ ଜୁଟାଇ ପାରିନି। ଆଉ ନିଶା ସହ ପାଟିତୁଣ୍ଡ କରି ଲାଭ କ'ଣ ? ସେ ସବୁବେଳେ ସେମିତି। ଆତ୍ମକୈନ୍ଦ୍ରିକ, ବିଚାରଶୂନ୍ୟ ଆଉ ଚିନ୍ତାଧାରାରେ କବଳିତ। ମୋ ହତାଶ ଆକାଶରେ ସୂର୍ଯ୍ୟ ରକ୍ତିମ ଦିଶୁଥିଲେ ସୁଦୂରରୁ। ବେଳ ବୁଡ଼ି ଆସୁଥିଲା, ବାଲି ଉପରେ ଢଳି ପଡୁଥିଲା ଅନ୍ଧାର। ଗୋଟାଉଥିଲି ନିଜର ଉପହାଯୀର ମନଟିକୁ ଲହଡ଼ି ଭଙ୍ଗା ବେଳାରେ ଛାତି ଉପରକୁ। ପକ୍ଷୀସାରା ଉଡ଼ିଗଲେ ମୋ ଆଖି ସାମ୍ନା ଦେଇ।**

ମୋର ଆଉ ପ୍ରହସନ କରିବାର ପ୍ରୟୋଜନ ନାହିଁ ନିଶା ଆଗରେ, ଖାଲି ଲୁଣିଆ ପବନରୁ କିଛି ଉଦରସ୍ଥ ପାଇଁ ସମୁଦ୍ର ଆଡ଼େ ଆସିଥିଲି, ମୋତେ ମୋ ନିଜ ଘରେ ରହିବାକୁ ଆଉ ଇଚ୍ଛା ନାହିଁ ବୋଲି କହିବାର ସାହସ ଆଜି ଯାଏଁ ତ ଜୁଟାଇ ପାରିନି। ଆଉ ନିଶା ସହ ପାଟିତୁଣ୍ଡ କରି ଲାଭ କ'ଣ ? ସେ ସବୁବେଳେ ସେମିତି। ଆତ୍ମକୈନ୍ଦ୍ରିକ, ବିଚାରଶୂନ୍ୟ ଆଉ ଚିନ୍ତାଧାରାରେ କବଳିତ। ମୋ ହତାଶ ଆକାଶରେ ସୂର୍ଯ୍ୟ ରକ୍ତିମ ଦିଶୁଥିଲେ ସୁଦୂରରୁ। ବେଳ ବୁଡ଼ି ଆସୁଥିଲା, ବାଲି ଉପରେ ଢଳି ପଡୁଥିଲା ଅନ୍ଧାର। ଗୋଟାଉଥିଲି ନିଜର ଉପହାଯୀର ମନଟିକୁ ଲହଡ଼ି ଭଙ୍ଗା ବେଳାରେ ଛାତି ଉପରକୁ। ପକ୍ଷୀସାରା ଉଡ଼ିଗଲେ ମୋ ଆଖି ସାମ୍ନା ଦେଇ।

ମୋ ଆଖି ଲେଉଟି ଆସିଲା ଏଥର ଆକାଶରୁ ମୋର ଘର ଫେରିବାର ରାସ୍ତା ଆଡ଼କୁ। ମୋ ସହ ଫେରୁଥିଲେ ସେଇ ସମାନ ରାସ୍ତାରେ ଆଉ କିଛି ହତାଶ ଆଶା ସବୁଦିନ ପରି। ନିରବ ନିଷ୍ଫଳ ଆଖିରେ ଦିନଯାକର ଥକାପଣ ନେଇ ବୋହି ନେଉଥିଲେ ତାଙ୍କ କ୍ଲାନ୍ତ ଜୀବନଗୁଡ଼ିକୁ। ଗୋଟାଉଥିଲେ ଶୁଭ୍ର ଶାମୁକାର ଦୋକାନକୁ ଅନ୍ଧାର ମାଡ଼ିଯିବା ଆଗରୁ। ମୋ ସହ ଫେରୁଥିଲେ ଆଉ ଜଣେ ଦମ୍ପତି, ଗୋଟାଉଥିଲେ ତାଙ୍କ ସେଦିନର କିଣାବିକାର ପୁଞ୍ଜିତକ।

ଶାମୁକା ବିକ୍ରିରୁ ପଇସା ଗଣି ରଖୁଥିଲା। ପୁରୁଷ ଜଣକ ସ୍ତ୍ରୀ ହାତକୁ ବଢ଼େଇ ଦେଇଥିଲା ଏତିକିବେଳେ କେତୋଟି ମୋଡ଼ାମୋକଚା ନୋଟ୍, ମୋର ଆଖି ଯାଇ ଏମିତି ଗୋଟେ ଦୃଶ୍ୟ ଉପରେ ନିବଦ୍ଧ ହୋଇ ରହିଗଲା କିଛିକ୍ଷଣ ପାଇଁ, ପୁରୁଷ ଜଣକ ପଇସାତକ ଟାଣି ଦେଉ ଦେଇ ଝାଉଁଳା ମୁହଁରେ କହୁଥିଲା, ଆଜି ଭଲରେ ଗଲାନି। ତୁ ସବୁ ପଇସା ପୁଅ କଲେଜରେ ଜମାଦେଇ ଆସିବୁ କାହିଁକି ? କାହାଠୁ ମାଗି ତା' କଲେଜ ଫି ଚାଲ ଭରିଦେବା। ଠିକ୍ ନିଶା ପରି ସେ ସ୍ତ୍ରୀଲୋକ ଓଠରେ ବି ହସ ନ ଥିଲା ହେଲେ ଆତ୍ମତୃପ୍ତିର ସହ ତା' ପଇସାତକ ତା' ଲୁଗା କାନିରେ ଗଣ୍ଠି କରୁଥିଲା। ନିଶା ପରି ବିଳାସୀ ଆଖି ତା'ର ନ ଥିଲା, ନା ଥିଲା ବିଷଣ୍ଣତା। ଆଜିକାଲିର ଜୀବନ ପାଇଁ। ଦିହେଁ ମିଶି ବିକ୍ରି ନିମନ୍ତେ ରଖିଥିବା ଶାମୁକାକୁ ଠୁଳ କରି ଘରକୁ ଫେରିବାର ପ୍ରସ୍ତୁତିରେ ବ୍ୟସ୍ତ। ଯେମିତି ତାଙ୍କ ଦୁଃଖସୁଖକୁ ଗୋଟାଇ ନେଉଥିଲେ ନିଜ ହାତରେ। ଫେରି ଯାଉଥିଲେ ତାଙ୍କ ଆଜି ଜୀବନର ତୃପ୍ତି ସହ।

ଘରକୁ ଆସିଲା ବେଳକୁ ପୁଅ ଗେମ୍ ଖେଳୁଛି। ଘରସାରା ଅସଜଡ଼ା। ନିଶା ଅନେଇଥିଲା। ଅନ୍‌ଲାଇନ୍ ଅର୍ଡରିଂ କମ୍ପାନୀର ବିଜ୍ଞାପନକୁ। କିଛି ସମୟ ପରେ ନିଆଁ ବର୍ଷିବା ପରି କହୁଥିଲା। ତା' ଜୀବନ ମୋତେ ବାହାହେଇ ନଷ୍ଟ ହୋଇଯାଇଛି। ଏତିକି ପଇସାରେ କ'ଣ ଘର ତୋଳାଗଲାଣି ? ମଣିଷର ଭଲରେ ଚଳିବାର ଇଚ୍ଛା ଧୂଳିସାତ୍। ତୁମେ ଘର ଚଳାଇବା ପାଇଁ ଅସମର୍ଥ ଇତ୍ୟାଦି।

ମୁଁ ଏକ ଘରର ନିର୍ଦ୍ଦିଷ୍ଟ ଜାଗାରେ ଠିଆ ହୋଇ ଶାମୁକା ବିକାଳିର ପରିବାର କଥା ଭାବୁଥିଲି। ବଞ୍ଚିବା ପାଇଁ ସତେ ସେମାନେ କ'ଣ ଏମିତି ଲଢୁଥିବେ ପ୍ରତିଦିନ ଏତେ ଅଭାବ ପରେ। ମୋ ଅଭାବଟା କ'ଣ ତା' ଅଭାବଠୁ ବେଶୀ ଥିଲା ? ନା ଆମ ପରି ପରିବାରରେ ଆମେ ସବୁବେଳେ ଏମିତି ଅଭାବମନା, ସବୁବେଳେ ଅଭାବଗ୍ରସ୍ତ ନୂଆ ଅଭାବକୁ ନେଇ!

# ଗିଲିରି ଫୁଲ... ଆମ ହାଣ୍ଡିଶାଳରୁ


| | | | |
|---|---|---|---|
| 1. | EGGLESS MAWA CAKE | Neelam Patra | 73 |
| 2. | GRILLED VEGE-STICK | Asima Panda | 74 |
| 3. | SHAHI PAALAK PANEER KOFTA | Nisha Das | 75 |
| 4. | MALAI KULFI | Niharika Das | 76 |
| 5. | STEAM CHEESE CAKE | Lipsa Sahoo | 77 |
| 6. | GUD PARA (DESERT) | Himanshu Singh | 78 |




# EGGLESS MAWA CAKE



Neelam Patra



## Ingredients

1. Rawa (Suji) 125 gm
2. Curd 50 gm
3. Milk 50 gm
4. Melted Butter 50gm
5. Mawa softened 100gm
6. Cardamom powder 2 tsp
7. Powdered Sugar 85 gm
8. Baking powder ½ tsp
9. Baking Soda ½ tsp
10. Milk ¼ cup
11. Chopped dry fruits like - Almond, Pistachios, Cashews.

## Procedure

1. Preheat oven at 180 degree for 10 mins
2. Soak Rawa, Curd & Milk for 1 hour
3. To it add melted Butter, Mawa, Sugar, Cardamom powder, Milk (1/4 cup) and mix everything together
4. Add Baking Powder & Baking Soda. Mix it well.
5. Add chopped dry fruits in the batter.
6. Pour it into a 7 inch tin and garnish with dry fruits.
7. Bake for 30-35mins at 180 deg or till the toothpick comes out clean
8. Cool well before slicing (2 hours)



# Grilled Vege-Stick

**Asima Panda**

The healthy cooking that is a quick easy snacks for your weekend with Hi- tea that need just 7 mins from kitchen to your plate.
This recipe is vegetarian, gluten-free, no chemical compound or ingredient and OH SO DELICIOUS.
The spices that give this lot of flavor to refresh your mood are; ground pepper, turmeric, chili powder and little cayenne pepper.
Preparation time—7 mins



## Ingredients

- @2 tablespoons olive oil
- @4 cloves garlic
- @1 tomato
- @Some slices of onion n ginger
- @2 tablespoon ground turmeric
- @1 teaspoon chili flex
- @¼ teaspoon cayenne pepper
- @1 small bowl of mushroom,
- @1 small Capsicums,
- @1 small bowl broccoli,
- @1 small bowl soya chunks
- @1 small bowl of cottage cheese/paneer,
- @Salt for taste
- @Food sticks

## Preparation

All ingredients marinated with spices, let it sit for a 2 mins so that the flavor mix well together and then arrange one by one in the stick and roast / grill on a hot plate / fire for 3-4 mins (even you can place it in microwave). This will boost your immune as well as refresh your mood during this unprecedented time.
Hope you try this weekend !



# Shahi Paalak Paneer Kofta

Nisha Das



Kofta Ingredients:
1 cup spinach leaves
1 cup paneer
1 small boiled potato
2 tbsp cornflour
1/2 cup coriander leaves
1 green chilli
1/2 tsp coriander powder
Tastewise red chilli powder,
white pepper, and salt

Gravy Ingredients:
2 medium tomatoes
12 cashew nuts
3 cardamom
1 small onion
3 garlic cloves
1 inch ginger
1 green chilli
Kasthuri methi
Cooking oil

Dry Masala:
Tastewise chilli powder, salt,
garam masala
1 tbsp coriander powder
1/2 tsp turmeric powder
1 bay leaf
1 tsp kitchen king masala (optional)

Garnish Fresh cream

## ରନ୍ଧନ ପ୍ରକ୍ରିୟା

### ପ୍ରଥମ ପର୍ଯ୍ୟାୟ:

୧. ଏକ ପାତ୍ରରେ ପନିର, ଆଳୁ, ଧନିଆ ପାଉଡର, ନାଲି ଲଙ୍କା ପାଉଡର, ମକା ମଇଦା ଏବଂ ଲୁଣ ପକାନ୍ତୁ। ଭଲ ଭାବରେ ଏକତ୍ର ମିଶାନ୍ତୁ। ସେହି ଅନୁଯାୟୀ ମକା ମଇଦାକୁ ନିୟନ୍ତ୍ରଣ କରନ୍ତୁ।
୨. ବ୍ଲାନଚ୍ ପାଳଙ୍ଗ ପତ୍ର। ତା'ପରେ ପାଳଙ୍ଗରୁ ସମସ୍ତ ପାଣି ବାହାର କରନ୍ତୁ। ଧନିଆ ପତ୍ର ଏବଂ ସବୁଜ ଲଙ୍କା ସହିତ ଗ୍ରାଇଣ୍ଡ୍ କରନ୍ତୁ।
୩. ଏହି ମିଶ୍ରଣକୁ ପନିରରେ ମିଶାନ୍ତୁ ଏବଂ ସଠିକ୍ ଭାବରେ ମିଶାନ୍ତୁ। ତା'ପରେ ଛୋଟ kofta ତିଆରି କରନ୍ତୁ ଏବଂ ମଧ୍ୟମ ତାପରେ ଭାଜନ୍ତୁ।
୪. ବର୍ତ୍ତମାନ ଆପଣଙ୍କର kofta ପ୍ରସ୍ତୁତ।

### ଦ୍ୱିତୀୟ ପର୍ଯ୍ୟାୟ:

୧. Boil ଟମାଟୋ, କାଜୁ ବାଦାମ ଏବଂ cardamom। ତା'ପରେ କ୍ରିମି ଟେକ୍ସଚର୍ ସହିତ ଏକ ପେଷ୍ଟ୍ ପ୍ରସ୍ତୁତ କରନ୍ତୁ।
୨. ପିଆଜ, ଅଦା, ରସୁଣ ଏବଂ ଚିଲିକୁ ଏକାଠି ଗ୍ରାଇଣ୍ଡିଂ କରନ୍ତୁ।
୩. ଏକ କଡ଼େଇରେ ତିନି ଚାମଚ ତେଲ ନିଅନ୍ତୁ। ଏକ bay leaf ଏବଂ ପିଆଜ ପେଷ୍ଟ୍ ମିଶାନ୍ତୁ। କିଛି ମିନିଟ୍ ପାଇଁ ରାନ୍ଧନ୍ତୁ, ତା'ପରେ ବାକି ଶୁଖିଲା ମସଲା ମିଶାନ୍ତୁ। ଦୁଇ-ତିନି ମିନିଟ୍ ପାଇଁ ଧୀରେ ଧୀରେ ରାନ୍ଧନ୍ତୁ। ତା'ପରେ ଟମାଟୋ ପେଷ୍ଟ୍ ମିଶାଇ କ୍ରିମ୍ ଗ୍ରେଭି ପର୍ଯ୍ୟନ୍ତ ରାନ୍ଧନ୍ତୁ। ଶେଷରେ କସ୍ତୁରୀ ମେଥି ଏବଂ ଗରମ ମସଲା ମିଶାନ୍ତୁ।
୪. ବର୍ତ୍ତମାନ ଆପଣଙ୍କର ଗ୍ରେଭି ପ୍ରସ୍ତୁତ।

### ତୃତୀୟ ପର୍ଯ୍ୟାୟ:

୧. ଆପଣଙ୍କ ଥାଳି ଉପସ୍ଥାପନ କରିବାକୁ, ଗ୍ରେଭି pour କରନ୍ତୁ, ତା'ପରେ ପ୍ଲେଟ୍‌ରେ କୋଫଟା ରଖନ୍ତୁ।
୨. ଶେଷରେ କ୍ରିମ୍ ସହିତ ସଜାନ୍ତୁ ଏବଂ ଉପଭୋଗ କରନ୍ତୁ।

# Malai Kulfi

Niharika Das



## INGREDIENTS:

- 2.5 litre full cream milk
- 1 litre Toned milk (low fat)
- Cardamom powder (2 tsp)
- Milkmaid (800 gm)

## RECEIPE:

Take a pan and put 2.5 litre of full cream milk. Add 1 litre toned milk and boil for 30-40 minutes on slow flame until the colour of milk changes to light golden colour. Add cardamom powder as per taste and then add milkmaid. Cook on slow flame until the total mixture reduces to 1/3rd of first volume (mix should not become too thick). Now off the flame and pour the mixture on moult and put it in deep fridge/ freezer overnight. Kulfi will be ready to eat next day.



# STEAM CHEESE CAKE

Lipsa Sahoo



## Things to Use:

1. 2 litre full cream milk
2. Vinegar (3-4 tbs) + water (3-4 tbs)
3. Some cashew nuts, little saffron (optional)
4. 1 tbs Suji
5. 2 tbs Ghee
6. 6-7 tbs sugar powder (as per your need)
7. 4-5 crushed cardamom (only seeds)

## Procedure:

1. First boil the milk perfectly, then add vinegar mix water in to it and mix thoroughly and wait until a perfect cottage cheese comes.
2. Strain the cheese in a cotton towel and soak it for 30 min-1 hour.
3. Let's grind the cottage cheese smoothly. If it is hard, add 3-4 tbs Milk into it (keep in mind the batter should be cake consistency not very thin)
4. Add the sugar powder, crushed cardamom and suji in to it. Mix it.
5. Now place a dish on the gas and on the flame add 1-2 glasses of water in to it, place any cooking stand into it and boil the water for some time. Keep in mind the water shouldn't more.
6. Take a cake tin or any steel container rub ghee in to it then pour the cheese batter, for yummy look add cashew nuts and little saffron in it and place it on cooking stand and cover the lid. Let's cook for 30 min.



7. Now check your cheese cake with a fork in to the middle part weather it is boiled or not or wait for another 5-10 min.Check the water level in middle, if necessary, add in to it.
8. Then off the gas leave it for cool and store it in fridge for better taste.
9. cut it and serve.

# GUD PARA

## (Desert)

Himanshu Singh



**Recipe 2 steps**

1) prepare dough for para and fry the paras:
a) Take 200 gms of all purpose flour. Mix 50g cooking oil. Mix 3/4 small glass of water to prepare a soft dough. Leave for 15 min to let the dough settle nicely.
b) Roll the dough like chapati (keep it little thick) and cut into shapes of small square or triangle or rectangle or diamond (as you may desire). These shapes are called Para's.
c) Fry the shapes in batches in oil. Fry until light brown. remove them on a plat and allow paras to cool.

2) mix para with gud
a) Take 250g gud and heat in a pan until all gud melts. Add little hot water (as needed to melt the gud and make a sweet syrup.
b) Mix the paras in the gud and stir them so sweet syrub covers all the paras.
c) Switch off the heat and keep stiring the paras and syrup. Sooner the syrup will condense and cover the paras.
d) Serve paras to your loved ones and enjoy





# Chatpata Chicken

**Recipe has 2 steps**

1) marination
2) fry (in least amount of oil) for 20 min approx.

**Marination Ingredients:**
Salt, red chilli powder, haldi, coriander powder, jeera powder, 2 tablespoon tomato sauce, 2 table spoon lemon juice, 1 table spoon ginger garlic paste, 1 table spoon curd. Mix well and marinate for 30-60 min. Longer time better taste.



Aarav Mohapatra


SINGAPORE BUSINESS REVIEW
TECHNOLOGY EXCELLENCE AWARDS 2021
INOVAANTAGE IS PROUD RECIPIENT OF
SBR TECHNOLOGY EXCELLENCE AWARD 2021
SBR TECHNOLOGY EXCELENCE 2021
INOVAANTAGE
www.inovaantage.com